# ତନେଇପାଳ ମେଗା ଲିଫ୍ଟ ପ୍ରକଳ୍ପରେ ଶ୍ରମିକ ମୃତ୍ୟୁ



## ଜଣେ ଆହତ; କ୍ଷତିପୂରଣ ଦାବିରେ ଉତ୍ତେଜନା

ଆନନ୍ଦପୁର, ୨୦।୨ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତନେଇପାଳଠାରେ ପାର୍ବତୀ ଗିରି ମେଗା ଲିଫ୍ଟପଏଣ୍ଟରେ କାର୍ଯ୍ୟରତ ଶ୍ରମିକ ଅତ୍ୟନ୍ତ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ପଡୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଏହି ପ୍ରକଳ୍ପରେ ନିୟୋଜିତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ଆହତ ହୋଇଥିବା ବେଳେ ଏନେଇ ପରିବାର ଲୋକଙ୍କୁ କ୍ଷତିପୂରଣ ସହାୟତା ଦାବି ସହ ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶ୍ରମିକ ହେଉଛନ୍ତି ସନ୍ତୋଷପୁର ଗାଁର ସୁଦର୍ଶନ ନାୟକ। ପ୍ରକଳ୍ପରେ ସୁରକ୍ଷା ବ୍ୟବସ୍ଥା ନଥିବା ବେଳେ ୧୫ ଫୁଟ୍ ଗଭୀର ଗାତରେ ପାଇପ୍ ଲାଇନ୍ ଖଞ୍ଜା କାମ ଚାଲିଥିବା ସମୟରେ ମାଟି ଅତଡ଼ା ଖସିଥିଲା। ଏଥିରେ ସୁଦର୍ଶନଙ୍କ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦିନ ପ୍ରାୟ ଦୁଇଟା ସମୟରେ ଏଭଳି ଘଟଣାକୁ ନେଇ ଠିକାସଂସ୍ଥାକୁ ଦାୟୀ କରିଛନ୍ତି ସେଠାରେ କାର୍ଯ୍ୟରତ ଶ୍ରମିକ ଓ ପରିବାର ଲୋକେ। ବିନା ସୁରକ୍ଷାରେ ଶ୍ରମିକ ମାନେ ବିରାଟକାୟ ଗର୍ତ୍ତରେ ପଶି ନିଜ ଜୀବନକୁ ବିପଦରେ ପକାଇ ପାଇପ ଲାଇନ୍ ଖଞ୍ଜା କାମ କରୁଥିଲେ। ଶ୍ରମିକଙ୍କ ସୁରକ୍ଷା ପ୍ରତି ପଦକ୍ଷେପ ନିଆଯାଇ ନଥିଲା। କାର୍ଯ୍ୟସ୍ଥଳୀଠାରେ ମାଟି ଅତଡ଼ା ପ୍ରତିରୋଧକ ଉପକରଣ ମହଜୁଦ ରହିଛି, ହେଲେ ସେଗୁଡିକ କାମରେ ଲଗାଯାଉନାହିଁ। ଏପରିକି ଶ୍ରମିକ କାମ କରିବା ସମୟରେ ସେଠାରେ ସାଇଡ୍ ସୁପରଭାଇଜର ଓ ସୁରକ୍ଷା ଅଧିକାରୀ ରହୁ ନଥିବା ଏହି ଦୁର୍ଘଟଣାର କାରଣ ହୋଇଛି ଯାହାର ପରିଣାମ ସ୍ୱରୂପ ଆଜି ଏଭଳି ଅଘଟଣ ଘଟି ଏକ ଅମୂଲ୍ୟ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। କମ୍ପାନୀର ଏଭଳି ଖାମଖିଆଲି ମନୋଭାବ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମିକଙ୍କ ପକ୍ଷରୁ କୁନା ନାୟକ ଓ ମୃତ ଶ୍ରମିକଙ୍କ ବାପା ସୁଶାନ୍ତ ନାୟକ ଦାବି କରିଛନ୍ତି। ଶ୍ରମ ବିଭାଗ ପକ୍ଷରୁ ଏହାର ତଦନ୍ତ କରିବାକୁ ବିଜେପି ନେତା ସନ୍ତୋଷ ଜେନା ଦାବି ଜଣାଇଛନ୍ତି।

# ପ୍ରସ୍ତାବିତ ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ରେଙ୍ଗାଲବେଡ଼ା ଗ୍ରାମସଭା



ଡୁରୁମୁଙ୍ଗା, ୨୦।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଚେମଣା ଓ ଯମୁନାପଶି ପଞ୍ଚାୟତ ଅଧୀନରେ ଜେଏସଡବ୍ଲ୍ୟୁ ଓ ପୋସ୍କୋ ପକ୍ଷରୁ ମିଳିତ ଭାବରେ ହେବାକୁ ଥିବା ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଶୁକ୍ରବାର ଚେମଣା ପଞ୍ଚାୟତ ରେଙ୍ଗାଲବେଡ଼ା ଗ୍ରାମର ଶାଳ ପଡ଼ିଆରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଚେମଣା ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାୟକ, ସମିତିସଭ୍ୟ ମନୋଜ ମହାନ୍ତ, ଇଡକୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମସଭାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିବା ବେଳେ ଗ୍ରାମବାସୀ ପକ୍ଷରୁ ୬ ଜଣ ଗ୍ରାମବାସୀ ପ୍ରଶାସନ ନିକଟରେ ୩୪ଟି ସମ୍ବଳିତ ଦାବି ଓ ସର୍ତ୍ତ ରଖି ମତାମତ ଦେଇଥିଲେ। ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଜମିର ମୂଲ୍ୟ ଏକର ପ୍ରତି ୭୫ କୋଟି ଦାବି ରଖିଥିବା ବେଳେ ଅନ୍ୟ ଜମିଗୁଡ଼ିକୁ ଏକର ପ୍ରତି ୫୦ କୋଟି ଟଙ୍କା ଦାବି କରିଥିଲେ ଗ୍ରାମବାସୀ। ରେଙ୍ଗାଲବେଡ଼ା ମୌଜାର ୪୦ଟି ଖାତାର ୩୮.୬୨ ଏକର

> ➤ ଏକର ପ୍ରତି ୫୦ରୁ ୭୫ କୋଟି ଦାବି
> ➤ ପ୍ରଶାସନ ନିକଟରେ ୩୪ ସର୍ତ୍ତ

ଘରୋଇ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା କରାଯିବା ସହ ଗ୍ରାମସଭା ସଫଳ ହୋଇଥିବା ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ସୂଚନାଯୋଗ୍ୟ ଯେ ପାଟଣା ବ୍ଲକ ରେ ଜେଏସ୍‌ଡବ୍ଲୁ ଏବଂ ପୋସ୍କୋ କମ୍ପାନୀର ମିଳିତ ସହଯୋଗରେ ୪୦ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ପାଟଣା ବ୍ଲକ ଚେମଣା ପଞ୍ଚାୟତର ୮ଟି ଗ୍ରାମ ଏବଂ ଯମୁନାପଶି ପଞ୍ଚାୟତର ୪ଟି ଗ୍ରାମ ଏପରି ସମୁଦାୟ ୧୨ଟି ଗ୍ରାମରେ ୨ ହଜାର ୪ଶହ ୬୬ ଏକର ଜମି ଅଧିଗ୍ରହଣ କରାଯିବ। ଏଥିରୁ ୧୪୯୦ ଏକର ଘରୋଇ ଜମି ରହିଛି।

# ବିଦ୍ୟାଳୟ ଶ୍ରେଣୀଗୃହ ପାଇଁ ଶିଳାନ୍ୟାସ




କେନ୍ଦୁଝର, ୨୦।୨(ସମିସ): ହରିଚନ୍ଦନପୁର ବ୍ଲକ୍ ବ୍ରଜମୋହନପୁରସ୍ଥିତ ମାନବିକ ବିଦ୍ୟାଭବନରେ ଡ. ଏସ୍‌କେ ଦାଶ ହାଇସ୍କୁଲର ନୂତନ ଶ୍ରେଣୀଗୃହ ପାଇଁ ଗୁରୁବାର ଶିଳାନ୍ୟାସ ହୋଇଛି। କଳିଙ୍ଗ ହସପିଟାଲ ଅଧ୍ୟକ୍ଷ ଡ. ଶୀତକଣ୍ଠ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କଳିଙ୍ଗ ହସପିଟାଲ ସିଇଓ ଡ. ସନ୍ତୋଷ ଦୋରା, ମେଡ଼ିକାଲ ଅଧୀକ୍ଷକ ଡ. ମଦନମୋହନ ଦତ୍ତ, ଅପରେସନ ହେଡ୍ ନରେନ୍ଦ୍ର ଶତପଥୀ, ଅର୍ଥ ବିଭାଗ ମୁଖ୍ୟ ନୃସିଂହ ସ୍ୱାଇଁ, ମାର୍କେଟିଂ ମୁଖ୍ୟ ମୃତ୍ୟୁଞ୍ଜୟ ମିଶ୍ର, ମାନବ ସମ୍ବଳ ବିଭାଗର ମୁଖ୍ୟ ଏଲିନା ଭୂୟାଁ, ମାର୍କେଟିଂ ବିଭାଗର ବିନୟନନ୍ଦ ଦାଶ, ଏସ୍ ଅପରାଜିତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଭୟ ମହାନ୍ତ ଅତିଥି ପରିଚୟ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷା କନକଲତା ନାୟକ ଧନ୍ୟବାଦ ଦେଇଥିଲେ। ବିଜୟ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ରଶ୍ମିରେଖା ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲୁଙ୍କେଶ୍ୱର ପୀଠରେ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



ଆନନ୍ଦପୁର, ୨୦।୨ (ସମିସ):

ବାତୋ ଶ୍ରୀବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ସାଂସ୍କୃତିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ରୁଦ୍ରାଭିଷେକରେ ଆରମ୍ଭ ହୋଇଥିବା ଏହି ଦିବ୍ୟ କାର୍ଯ୍ୟକ୍ରମରେ ପ୍ରମୋଦ ବରାଳ, ବିଷ୍ଣୁଚରଣ ସାମଲ, ରବି ଭାଇଙ୍କ ନେତୃତ୍ୱରେ ଗାୟତ୍ରୀ ମହାଯଜ୍ଞ, ସନ୍ଧ୍ୟାରେ ମଦନ ପାଣି ଓ ମନୋରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସା ନି,ଧା ପା, ଭଜନ ଗ୍ରୁପ, ଆନନ୍ଦପୁର ଦ୍ୱାରା ଭକ୍ତି ସଂଗୀତ ସମାରୋହ ବାବାଜୀ ମନମୋହନ ଦାସ ମହାରାଜ, ଗୋପାଳ ନନ୍ଦଙ୍କ ଦ୍ୱାରା ଗୀତାଯଜ୍ଞ, ଭୁବନେଶ୍ୱର ମହିଳା ସଙ୍କୀର୍ତ୍ତନମଣ୍ଡଳୀ ଦ୍ୱାରା ନାମ ସଙ୍କୀର୍ତ୍ତନ, ସନ୍ଧ୍ୟାରେ ଅଧାପକ ସନ୍ତୋଷ ସାହୁଙ୍କ ଦ୍ୱାରା ଆଧାତ୍ମିକ ପ୍ରବଚନ, ବାସୁଦେବ ବେହେରା, ଭରତଚନ୍ଦ୍ର ନାଥ, ବିଚିତ୍ରାନନ୍ଦ କରଙ୍କ ଦ୍ୱାରା ଚାରଣୀୟ ସତସଙ୍ଗ, ସନ୍ଧ୍ୟାରେ ଆଧାତ୍ମିକ ପ୍ରବଚନ, ସନ୍ଧ୍ୟାରେ କ୍ରିଷ୍ଣା ଗ୍ରୁପ ଦ୍ୱାରା ଡ୍ୟାନ୍‌ସ କାର୍ଯ୍ୟକ୍ରମ, ଗୀତ ସମ୍ରାଟ, ମେଲୋଡି କାର୍ଯ୍ୟକ୍ରମ ବାଲୁଙ୍କେଶ୍ୱର ଟ୍ରଷ୍ଟ ଓ ଆଞ୍ଚଳିକ ବାଲୁଙ୍କେଶ୍ୱର ସାଂସ୍କୃତିକ ପରିଷଦ, ବାତୋର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଏବଂ ଯଦୁନାଥ ମଲ୍ଲିକ, ଗୋପୀନାଥ ସ୍ୱାଇଁ, ବିଭାସଚନ୍ଦ୍ର ନାୟକ, ସରପଞ୍ଚ ଝରଣା ଜେନା, ସମିତିସଭ୍ୟ ତରଣୀସେନ ବରାଳ, ସୁରେନ୍ଦ୍ର ଜେନା, ଚନ୍ଦ୍ରମଣି ମାଝୀ, ଶ୍ରୀଧର ମହନ୍ତ, ବଲ୍ଲଭ ସାହୁ, କୃଷ୍ଣ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଞ୍ଜଲୋଚନା ପଣ୍ଡା ଗାୟତ୍ରୀ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

## ଧକୋଠା



ଆନନ୍ଦପୁର, ୨୦।୨ (ସମିସ): ଆନନ୍ଦପୁର ବ୍ଲକ ଧକୋଠା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଶିକ୍ଷାଧିକାରୀ ହରିହର ଦଳେଇ, ମୁଖ୍ୟବକ୍ତା ଭାବେ ରମାକାନ୍ତ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଆନନ୍ଦପୁର ମହାବିଦ୍ୟାଳୟ ବିଶିଷ୍ଟ ଅତିଥି ଭାବେ ଆନନ୍ଦପୁର ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଅର୍ଥଶାସ୍ତ୍ର ଅଧାପକ ଶିବଚରଣ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଦୀପ ପଳେଇ, ଦୀପିକା ମହା. ସୁଚିତ୍ରା ଦାସ ଲୋପାମୁଦ୍ରା ସାହୁ, ରାନୀ ପ୍ରିୟଦର୍ଶିନୀ କୁଅଁରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## କଣ୍ଟିପାଳ ବିରିଡ଼ିଆ




ସେହିପରି କଣ୍ଟିପାଳ ପଞ୍ଚାୟତର ବିରିଡିଆସ୍ଥିତ ଏସ୍‌ଏନ୍ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର ସଭାପତି ମଳୟ ସାହୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଟୁକୁନା ମହାନ୍ତ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶରତଚନ୍ଦ୍ର ରାଉତ, ଓଡ଼ିଶା ଶିକ୍ଷା ପରିଷଦ ସଂଯୋଜକ ସୁଦର୍ଶନ ପ୍ରଧାନ ଓ ଦାମୋଦର ସାହୁ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା। ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ମାତୃ ସମ୍ମିଳନୀରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ୨୦ ଅଭିଭାବକ ଅଭିଭବିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷା କେନ୍ଦ୍ରର ସମସ୍ତ ଗୁରୁଜୀଗୁରୁମା ଏବଂ ପରିଚାଳନା କମିଟି ସଦସ୍ୟସଦସ୍ୟା ସହଯୋଗ କରିଥିଲେ।

# ତକ୍ଷଶୀଳା ଇଣ୍ଟରନ୍ୟାସ୍‌ନାଲରେ ଉଡ଼ାଣ ପ୍ରଶିକ୍ଷଣ




ଆନନ୍ଦପୁର, ୨୦।୨ (ସମିସ): କିଟ୍ସ୍ ପକ୍ଷରୁ କେଶଦୁରାପାଳଠାରେ ଥିବା ତକ୍ଷଶୀଳା ଇଣ୍ଟରନ୍ୟାସନାଲ ସ୍କୁଲରେ ଛାତ୍ରଛାତ୍ରଙ୍କୁ ଉଡାଜାହାଜ ଓ ରକେଟ ଉଡ଼ାଣ ପ୍ରଶିଷଣ ପ୍ରଦାନ କରାଯାଇଛି। ବର୍ତ୍ତମାନ ଯୁଗରେ ସମସ୍ତେ ବିଜ୍ଞାନକୁ ଗୁରୁତ୍ୱ ଦେଉଥିବା ବେଳେ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ କିଟ୍ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଏନେଇ ବିଜ୍ଞାନ ଅଭିମୁଖୀ କରାଯାଉଛି। କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ୫ସୂତ୍ରୀ ସାମାଜିକ କାର୍ଯ୍ୟକ୍ରମ କରୁଥିବା ସମସ୍ତଙ୍କ ପାଇଁ ଶିକ୍ଷା, ଆର୍ଟ ଅଫ ଗିଭିଙ୍ଗ, କନ୍ୟା କିରଣ, ନନ୍‌ହୀ ପରୀ, ନୂଆ ମନ୍ ନୁଆ ସ୍ୱପ୍ନ ଚଳାଇଥିବା ବେଳେ ଏଥି ଅନ୍ତର୍ଗତ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଉଡାଜାହାଜ ଓ ରକେଟ ତିଆରି ଓ ଚାଳନା ସମ୍ପର୍କରେ ଅତ୍ୟାଧୁନିକ୍ ଜ୍ଞାନକୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପ୍ରଶିକ୍ଷକ ଭାବେ ସ୍କୁଲ୍ ଅଫ ଆରୋସ୍ପେସ ଇଞ୍ଜିନିୟରିଂ ପ୍ରଫେସର ପଙ୍କଜ ଚୌଧୁରୀ ଏବଂ ପ୍ରଫେସର ଦେବବ୍ରତ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ପରେ ୧୦ଟି ଟିମ୍‌ରେ ବିଭକ୍ତ ହୋଇ ସେମାନଙ୍କ ମଧ୍ୟରେ ଉଡ଼ାଜାହାଜ ଓ ରକେଟ ତିଆରି ଓ ଚାଳନାର ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ କିଟ୍ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ସାମ୍ବାଦିକ ରତିକାନ୍ତ ସାହୁ, ଭାରତ ମିଶ୍ର, ଅବିଁନାଶ ଶତପଥୀ, ରାଜେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ତକ୍ଷଶୀଳା ଇଣ୍ଟରନ୍ୟାସନାଲ ସ୍କୁଲର ନିର୍ଦ୍ଦେଶକ ଆକାଶ ରଥ କିଟ୍‌ର ସମସ୍ତ ପ୍ରକାର ସଯୋଗ ପାଇଁ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଙ୍ଗଦାନ କରି ଚିରଞ୍ଜୀବି ହୋଇଗଲେ ଶୁଭମ୍



ହାଟଡ଼ିହୀ,୨୦।୨(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ଜମ୍ବୀରା ଗ୍ରାମ ୯ ନଂ ୱାର୍ଡ଼ର ଉପେନ୍ଦ୍ର ଆୟଚଙ୍କ ପୁଅ ଶୁଭମ୍ (ମୁନା, ୧୨ ବର୍ଷ) ଅଣା ଗ୍ରାମ ମାମୁ ଘର ଲୋକଙ୍କ ସହିତ ଗତ ଶନିବାର ପୁରୀ ବୁଲିବାକୁ ଯାଇଥିବା ବେଳେ ରାତ୍ର ପ୍ରାୟ ସାଢେ ୨ଟା ବେଳେ ପୁରୀ ଲାଇଟ୍ ହାଉସ୍ ପାଖରେ ଛିଡ଼ା ହୋଇଥଲେ। ଏକ ଗାଡ଼ି ଶୁଭମକୁ ଜୋରରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଶୁଭମ୍ ଗୁରୁତର ଥିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲକୁ ନେଇ ହାଇଆଲର୍ଟ ଚିକିତ୍ସା କରାଇଥିଲେ ସୁଦ୍ଧା ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ଘଟିଥିଲା। ଶୁଭମଙ୍କ ଶରୀରର ପ୍ରତିଟି ମୂଲ୍ୟବାନ୍ ଅଙ୍ଗଗୁଡ଼ିକୁ ଦାନ କରିଦେବାକୁ ତାଙ୍କ ବାପା ଉପେନ୍ଦ୍ର ଓ ମାଆ ମିତାରାଣୀ କହିଥିଲେ। ଶୁଭମଙ୍କ ପରିବାର ଓ ମାମୁ ଘର ପକ୍ଷରୁ ସମ୍ମତିକ୍ରମେ ତାଙ୍କ ଶରୀରର ଅଙ୍ଗଦାନ କରାଯାଇଛି। ଆମ୍ବୁଲାନ୍ସ ଯୋଗେ ଆସିଥିବା ଶୁଭମଙ୍କ ମରଶରୀରକୁ ଆଜି ଅପରାହ୍ନ ପ୍ରାୟ ୫ଟା ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଛେନାପଦି ଛକଠାରୁ ଏକ ବିରାଟ ପଟୁଆରାରେ ବାଇକ୍ ଶୋଭାଯାତ୍ରା କରି ନିଜ ଗାଁ ଜମ୍ବିରାକୁ ଅଣାଯାଇଥିଲା। ପ୍ରଶାସନିକ ବ୍ୟବସ୍ଥା ଅନୁସାରେ ପୁଲିସ ପ୍ରଶାସନଙ୍କ ଉପସ୍ଥିତରେ ଶୁଭମଙ୍କ ପାଇଁ 'ଗାର୍ଡ ଅଫ୍ ଅନର' ସମ୍ମାନ ଦିଆଯାଇଛି। ତାଙ୍କ ବିୟୋଗରେ ବାପା, ମାଆ, ପରିବାର, ପଡୋଶୀ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ସମ୍ପୂର୍ଣ୍ଣ ଗ୍ରାମବାସୀଙ୍କ ସମେତ ଆଖପାଖ ଲୋକେ ଶୋକ ପ୍ରକାଶ କରିଛନ୍ତି। ଜମ୍ବିରା ଗ୍ରାମବାସୀଙ୍କ ଆଖିରୁ ଆଖିଏ ଲୁହ ଝରି ପଡୁଥିବା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କଇଁସିଆରୀ ଗ୍ରାମରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର



ଆନନ୍ଦପୁର, ୨୦।୨ (ସମିସ): ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଘସିପୁରା ବ୍ଲକ ଅନ୍ତର୍ଗତ କଇଁସିଆରୀ ଗ୍ରାମରେ ଦିନିକିଆ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ କେୟାର ହସ୍ପିଟାଲର ମେଡ଼ିସିନ, ଶିଶୁରୋଗ, ଅସ୍ଥିଶଲ୍ୟ, ଫିଜିଓଥେରାପି ଏବଂ ସ୍ତ୍ରୀ ରୋଗ ଭଳି ଅନେକ ବିଭାଗର ଅଭିଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଟିମ୍‌ରେ ଡାକ୍ତର ଶୁଭମ୍ ପ୍ରିତମ୍ ସାହୁ, ଡାକ୍ତର ସୋମେଶ୍ ରଂଜନ, ଡାକ୍ତର ସରୋଜ କୁମାର, ଡାକ୍ତର ପ୍ରିୟଦର୍ଶୀ ବାରିକ, ଡାକ୍ତର ରୀତିକାରାଣୀ ଖୁଣ୍ଟିଆ ସମେତ ମହିଳା ଏବଂ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସହାୟକମାନେ ଯୋଗ ଦେଇଥିଲେ। ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଦୁଇ ଶହରୁ ଅଧିକ ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ କରିବା ସହ ବିନାମୂଲ୍ୟରେ ଔଷଧ ବିତରଣ କରିଥିଲେ। କଇଁସିଆରୀ ପତିତପାବନ ଟ୍ରଷ୍ଟର ଆବାହକ ଶରତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପଦ୍ମିନୀ କେୟାର ହସ୍ପିଟାଲର ପ୍ରତିନିଧି ଚିରଞ୍ଜୀବି ନାୟକ, ଚନ୍ଦ୍ରଶେଖର ନନ୍ଦ, ସୌମ୍ୟରଂଜନ ଲେଙ୍କା ସମେତ ପତିତପାବନ ଟ୍ରଷ୍ଟର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ଶିବିରକୁ ରୋଗୀ ଯିବାଆସିବା ନିମନ୍ତେ ପତିତପାବନ ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ଭାବେ ଗାଡ଼ିର ବ୍ୟବସ୍ଥା ସହ ରୋଗୀ ଏବଂ ଶିବିରାର୍ଥୀଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ୫୦ରୁ ଅଧିକ ଗରିବ ତଥା ଅସହାୟ ଲୋକଙ୍କୁ ପତିତପାବନ ଟ୍ରଷ୍ଟ ପକ୍ଷରୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଛି।

# ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତ୍ତା



କେନ୍ଦୁଝର, ୨୦।୨(ସମିସ): ସରକାରୀ କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଦିନିକିଆ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। "ପରିଚାଳନାଗତ ଉତ୍କର୍ଷତା ପାଇଁ ଏଆଇ ଉପକରଣ' ଶୀର୍ଷକ ଏହି କର୍ମଶାଳା ଓଡ଼ିଶା ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟରର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା ବା ଏଆଇ ବ୍ୟବହାର କରି କିଭଳି କାର୍ଯ୍ୟଦକ୍ଷତା ବଢ଼ାଯାଇପାରିବ, ସେନେଇ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶେଷ କରି ତଥ୍ୟ ବିଶ୍ଳେଷଣ, ଚିଠିପତ୍ର ପ୍ରସ୍ତୁତି ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଡିଜିଟାଲ୍ ମାଧ୍ୟମର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୋସିଆଲ ମିଡିଆ ଓ ଜନସମ୍ପର୍କ ତଥା ସୋସିଆଲ ମିଡିଆ ପରିଚାଳନା ପାଇଁ ଏହାର ବ୍ୟବହାର ଓ ପ୍ରୟୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଟୁଲ୍ ମାଧ୍ୟମରେ କିଭଳି ସହଜରେ ଆକର୍ଷଣୀୟ କ୍ୟାପ୍ସନ ଲେଖାଯାଇପାରିବ, ଗ୍ରାଫିକ୍ସ ଡିଜାଇନ୍ କରାଯାଇପାରିବ ଏବଂ ଏକାସାଙ୍ଗରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସରକାରୀ ସୂଚନା ପ୍ରସାରିତ ହୋଇପାରିବ, ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମଦରଧର ମହାଳିକ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

## କର୍କଟ ରୋଗରେ ଛଟପଟ ବାପା

# ବଞ୍ଚାଇବାକୁ ରୋଗୀଣା ପୁଅର ସଂଘର୍ଷ



ଆନନ୍ଦପୁର,୨୦।୨ (ସମିସ): କର୍କଟ ରୋଗରେ ବାପାଙ୍କ ଅସ୍ତ୍ରୋପଚାର ହୋଇଥିବା ବେଳେ ପୁଅ ମଳକଣ୍ଟକ ରୋଗରେ ଅସ୍ତ୍ରୋପଚାର ପରେ ଜୀବନ-ମରଣ ସହ ସଂଘର୍ଷ କରୁଛନ୍ତି। ଅର୍ଥ ଅଭାବରୁ ପରବର୍ତ୍ତୀ ଚିକିତ୍ସା ହୋଇପାରୁନାହିଁ। ଏଣେ ବାପାଙ୍କୁ ବଞ୍ଚାଇବାକୁ ନିଜେ ପୁଅ ଦୁର୍ଦ୍ଦଶାଗ୍ରସ୍ତ ହୋଇପଡ଼ିଛନ୍ତି। ସରକାରୀ ସହାୟତା ସେମାନଙ୍କ ପାଇଁ ଜରୁରୀ ହୋଇ ପଡ଼ିଛି। ସରକାରଙ୍କ ସ୍ୱାସ୍ଥ୍ୟ ସହାୟତା ରାଶି ଅପରେସନରେ ସରିଯାଇଛି। ସୁନା ଗହଣା ବିକି ବାପ ପୁଅଙ୍କ ମେଡିକାଲ ଖର୍ଚ୍ଚ କଲୁ, ସାହି-ପଡ଼ିଶା ବନ୍ଧୁ-ବାନ୍ଧବ ଯଥା ସମ୍ଭବ ସାହାଯ୍ୟ କରିଛନ୍ତି, ଏହି କୁଡ଼ିଆ ଘର ଛଡ଼ା ଆମ ପାଖରେ ଆଉ କିଛି ସମ୍ବଳ ନାହିଁ, ମୋ ବାପାଙ୍କୁ ବଞ୍ଚାଇବୁ କିପରି ବୋଲି କହିଛନ୍ତି ପୁଅ। ଏଭଳି ଏକ ଦୁଃଖ ଭରା ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ କପୁଣ୍ଡି ଗ୍ରାମରେ। ବାପା ମୁଖ କର୍କଟ ରୋଗରେ ପୀଡ଼ିତ ହୋଇ ଅପରେସନ ହୋଇଛନ୍ତି। ଆଉ ଗୋଟେ ଅପରେସନ ହେବା ପାଇଁ ସେ ଏବେ ଶଯ୍ୟାଶାୟୀ। ଗୋଟିଏ ପୁଅ ବଳରାମ ଜେନା ଏକ ମେଡ଼ିସିନ ଷ୍ଟୋରରେ କାମକରି ଯାହା ରୋଜଗାର କରନ୍ତି ସେଥିରେ ଘର ଚଳେ କିନ୍ତୁ ସେ ବି ୩ମାସ ହେବ ଅପରେସନ ହୋଇ ଘରେ ଅସୁସ୍ଥ ଅବସ୍ଥାରେ ପଡିରହିଛନ୍ତି। ଏଭଳି ପରିସ୍ଥିତିରେ ଉଭୟ ମା ଓ ପୁଅ ସ୍ଥାନୀୟ ପ୍ରଶାସନକୁ ସହାୟତା ପାଇଁ ନିବେଦନ କରିଛନ୍ତି।

### ରେଳବାଇ ବୈଠକରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ସମୀକ୍ଷା

# ଦାବି ଉପସ୍ଥାପନ କଲେ ସାଂସଦ ପ୍ରତାପ

ନୀଳଗିରି, ୨୦।୨ (ସମିସ)



କଲିକତାଠାରେ ସାଂସଦ ଶତ୍ରୁଘ୍ନ ସିହ୍ନାଙ୍କ ଅଧ୍ୟକ୍ଷତାରେ ଏବଂ ରେଳବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ରେଲୱେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ସମ୍ବନ୍ଧୀୟ ବିଭିନ୍ନ ରେଲୱେ ଉନ୍ନୟନ କାର୍ଯ୍ୟର ସମୀକ୍ଷା ଓ ବିଭିନ୍ନ ଦାବି ଉତ୍ଥାପନ କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ। ବିଶେଷ ଭାବେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେଳ ଢାଞ୍ଚା ଏବଂ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ରେଲୱେ ବୋର୍ଡ଼ ବୈଠକରେ ଉପସ୍ଥାପନ କରାଯାଇଛି। ଏହି ସମସ୍ତ ବିଷୟରେ ସ୍ଥିତିଗତ ସୂଚନା ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଦାବି କରିଥିଲେ। ବାଲେଶ୍ୱରରେ ନିର୍ମାଣ ହେଉଥିବା ମୁଖ୍ୟ ରେଳଷ୍ଟେସନ୍ ଭବନ ନିର୍ମାଣ କାର୍ଯ୍ୟର ବର୍ତ୍ତମାନ ସ୍ଥିତି ଓ କାର୍ଯ୍ୟକ୍ଷମ ସମୟସୀମା ସୂଚିତ କରିବାକୁ ଦାବି କରିଥିଲେ। ଏଥିସହ ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବାଲେଶ୍ୱରରୁ ଆହମଦାବାଦ ଓ ମୁମ୍ବାଇ ପାଇଁ ସିଧାସଳଖ ଟ୍ରେନ୍ ସେବା, ଭୁବନେଶ୍ୱର–ବାଲେଶ୍ୱର ମାର୍ଗରେ ରାୟପୁର ଦେଇ ମୁମ୍ବାଇପାଇଁ ଏକ ଟ୍ରେନ୍ ଚଳାଚଳ, ପୁରୀରୁ ଭାୟା ବାଲେଶ୍ୱର ଦେଇ ଗୁଜରାଟପାଇଁ ଏକ ଟ୍ରେନ୍ ଚଳାଚଳ, ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ ବସ୍ତା ଏବଂ ରୂପସା ଷ୍ଟେସନ୍‌ରେ ରହଣିପାଇଁ ସାଂସଦ ଶ୍ରୀ ଷଡ଼ଙ୍ଗୀ ଦାବି କରିଥିଲେ। ନୀଳଗିରି-ଗୋପୀନାଥପୁର ରେଲୱେ ଷ୍ଟେସନ ଅଧିନ ବଡୁଆଠାରେ ରେଳ ରହଣି ସହ ଯାତ୍ରୀ, ବ୍ୟବସାୟୀ ଓ ଉଚ୍ଚତର ଚିକିତ୍ସାପାଇଁ ଏହି ସେବାକୁ ଭୁବନେଶ୍ୱର ଓ ହାଓଡ଼ା ପର୍ଯ୍ୟନ୍ତ ବିସ୍ତାର କରିବାପାଇଁ ଦାବି କରିଥିଲେ। ନୂଆଗାଁ ମୟୂରଭଞ୍ଜ ରୋଡ଼ ରେଳଷ୍ଟେସନ୍‌ର ଉତ୍ତର ପାର୍ଶ୍ୱରୁ ଜଳକା ନଦୀ ପର୍ଯ୍ୟନ୍ତ ସ୍ଥାୟୀ କଂକ୍ରିଟ୍ ଡ୍ରେନେଜ୍, ଆପ୍ରୋଚ୍ ରୋଡ଼ର ବ୍ୟବସ୍ଥା, ଯାତ୍ରୀଙ୍କ ଚାହିଦା ଓ ଆଞ୍ଚଳିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ବାଲେଶ୍ୱର ଷ୍ଟେସନ୍‌ରେ ଦୁରନ୍ତ ଏକ୍ସପ୍ରେସ୍ ଟ୍ରେନ୍‌ର ରହଣି, ରେଳ ଖୁଣ୍ଟି ନଂ–୧୯୩/ ୯ (ଅପ୍) ଓ ୧୯୩/୧୨ (ଡାଉନ୍) ନିକଟରେ ପଦଚାରୀ ସବୱେ କାର୍ଯ୍ୟ ସମାପ୍ତିରେ ବିଳମ୍ବ, ଖନ୍ତାପଡା ୟାର୍ଡ଼ର କାର୍ଯ୍ୟ ସମ୍ପୂର୍ଣ୍ଣ, ବାଲେଶ୍ୱର ଷ୍ଟେସନରେ ଏସକାଲେଟର ତୁରନ୍ତ ସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବାଚ ସହ ବେତନଟୀ ଓ ଜଳେଶ୍ୱର ଷ୍ଟେସନର କାର୍ଯ୍ୟ ଶୀଘ୍ରସମାପ୍ତ କରିବା ପାଇଁ ଶ୍ରୀ ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଠିକ ସମୟରେ ଟ୍ରେନ ନଆସିବା ଏବଂ ବହୁ ସମୟରେ ଅତ୍ୟଧିକ ବିଳମ୍ବ କାରଣରୁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏ ବିଷୟରେ ପଦକ୍ଷେପ ନେବାପାଇଁ ଦାବି କରାଯାଇଥିଲା। ସୋର ଷ୍ଟେସନଠାରେ ଏକ ଫ୍ଲାଏଓଭର ବ୍ରିଜ ନିର୍ମାଣ ପାଇଁ ଦାବି ରଖିଥିଲେ। ତେଣୁ ଏହାକୁ ଶୀଘ୍ର ଆରମ୍ଭ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ବାହାନଗା ଫ୍ଲାଏଓଭର ବ୍ରିଜ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ କରିବାସହ ନୀଳଗିରି ରେଳଷ୍ଟେସନରେ ସଂରକ୍ଷଣ ଟିକେଟ କାଉଣ୍ଟର ଖୋଲିବା ଏବଂ ଟିକେଟ ଚେକିଂ ଓ ସୁରକ୍ଷାପାଇଁ ବ୍ୟବସ୍ଥା କରିବାକୁ ଦାବି କରିଥିଲେ।

### ● ସୋର ତହସିଲଦାରଙ୍କ ବିରୋଧରେ ଭିଜିଲାନ୍ସ ମାମଲା

# ଦଲାଲ ଦୟାନିଧି ଜେନାଙ୍କୁ ଗିରଫ କରାଯିବ: ଭିଜିଲାନ୍ସ ଏସ୍‌ପି



ବାଲେଶ୍ୱର,୨୦।୨(ସମିସ): ପଥର ବୋଝେଇ ଟ୍ରକ ଛାଡ଼ିବାକୁ ୪୦ ହଜାର ଟଙ୍କା ନେଉଥିବା ବେଳେ ବାଲେଶ୍ୱର ଜିଲ୍ଲା ସୋର ତହସିଲଦାର ଦୈତାରୀ ମଲ୍ଲିକଙ୍କୁ ଗିରଫ କରାଯିବା ନେଇ ରୁଜୁ ହୋଇଥିବା ମାମଲାରେ ସମ୍ପୃକ୍ତ ଦଲାଲ ତଥା ଅଟକ ଥିବା ସୋର ଟ୍ରକ ଆସୋସିଏସନର ଉପସଭାପତି ଦୟାନିଧି ଜେନାଙ୍କୁ ଗିରଫ କରାଯିବ ବୋଲି ଆଜି ଏସପି ଅରୁଣ କୁମାର ସ୍ୱାଇଁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଗତ ୧୧ତାରିଖରେ ସୋର ତହସିଲଦାର ୫ଟି ପଥର ବୋଝେଇ ଗାଡ଼ିକୁ ଅଟକ ରଖିଥିଲେ। ସେଇଅନୁସାରେ ଟ୍ରକ ଆସୋସିଏସନର ମାଲିକମାନଙ୍କୁ ଖବର ଦେଇଥିଲେ। ଜବତ ହୋଇଥିବା ୫ଟି ଟ୍ରକର ମାଲିକ ସାଏବ ଖାନ କାଦ୍ରୀ ଘଟଣାସ୍ଥଳରେ ପହଞ୍ଚି ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ଏକ ଲକ୍ଷ ଟଙ୍କା ଲାଞ୍ଚ ନଦେଲେ ଉକ୍ତ ଗାଡ଼ିଗୁଡିକୁ ଖଣି ବିଭାଗକୁ ହସ୍ତାନ୍ତର କରିଦେବେ ଏବଂ ଅଧିକ ଫାଇନ ଲାଗିବ ବୋଲି ଧମକ ଦେଇଥିଲେ। ଏନେଇ ସେ କିଛି ଅର୍ଥ ଦେବାକୁ କହିଥିଲେ। ତେବେ ମୂଲଚାଲ ପରେ ୪୦ହଜାର ଟଙ୍କାରେ ଛିଡ଼ିଥିଲା। ଏନେଇ ବାଲେଶ୍ୱର ଭିଜିଲାନସ ବିଭାଗଠାରେ ଅଭିଯୋଗ ପରେ ୫/୨୬ନମ୍ବରରେ ଏକ ମାମଲା ରୁଜୁ କରାଯାଇଥିଲା। ବାଲେଶ୍ୱର, ଭଦ୍ରକ ବିଭାଗର ମିଳିତରେ ଏକ ଟିମ ଗଠନ କରାଯାଇଥିଲା। ତେବେ ୧୯ ତାରିଖରେ ସେ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କୁ ଟଙ୍କା ଦେଉଥିବା ବେଳେ ଭିଜିଲାନସ ବିଭାଗ ତାଙ୍କୁ ମାଡି ବସିଥିଲା। ଘଟଣାସ୍ଥଳରୁ ଦାୟା ଏବଂ ତହସିଲଦାରଙ୍କୁ ଭିଜିଲାନସ ବିଭାଗ ଆଣିଥିଲା। ଆଜି ତହସିଲଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅଟକ ଦୟାଙ୍କୁ ମଧ ଗିରଫ କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି। ଅନ୍ୟପଟେ ଭିଜିଲାନସ ବିଭାଗ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ଠୂଳ ଉପରେ ଚଢ଼ଉ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ଗୋଟିଏ କାର ଥିବା ବେଳେ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳରେ ଏକ ଆପାର୍ଟମେଣ୍ଟ ରହିଥିବା ସୂଚନା ଦେଇଛନ୍ତି। ଏଦିଗରେ ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବୈଠକ



ବାଲେଶ୍ୱର,୨୦।୨(ସମିସ): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡ କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମ୍ପାଦକ ଅଭୟଚନ୍ଦ୍ର ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଭାସ୍କରଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ତୃତୀୟ ଜିଲ୍ଲା ସମ୍ମିଳନୀ ଆସନ୍ତା ମାସ ୧୫ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ନେଇ ଆସନ୍ତା ମାସ ପ୍ରଥମ ସପ୍ତାହରେ ଏକ ସାଂଗଠନିକ ବୈଠକ ପଢୁଆଁପଦାସ୍ଥିତ ଉଠା ଜଳସେଚନ କର୍ମଚାରୀ ସଂଘର ସଭାଗୃହରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ସେଥିରେ ରେମୁଣା, ଜଳେଶ୍ୱର, ସୋରୋ ଆଞ୍ଚଳିକ ସମିତି ଓ ଜିଲ୍ଲାର ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଛି। ବାର୍ଷିକ ସମ୍ମିଳନୀର କାର୍ଯ୍ୟକ୍ରମର ଚୂଡ଼ାନ୍ତ ନିଷ୍ପତ୍ତି ଆଗାମୀ ବୈଠକରେ ସିଦ୍ଧାନ୍ତ କରାଯିବ। ସଭାପତି ବାଲେଶ୍ୱରର ସମସ୍ତ ବିଧାୟକଙ୍କ ସହିତ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, କୃଷି ସଚିବ ଓ ମୁଖ୍ୟସଚିବ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ସମୟରେ ସାକ୍ଷାତକରି ଆଲୋଚନା ହେବାର ସ୍ଥିର ହେଲା ବୋଲି କହିଛନ୍ତି। ଦାବି ଉପରେ ସରକାର ବିଚାର ନକଲେ ବିଧାନସଭା ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବାର ପ୍ରସ୍ତାବ ବାର୍ଷିକ ସମ୍ମିଳନୀରେ ଚୂଡ଼ାନ୍ତ ହେବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପରିଡା, ଡ କ୍ଷିତୀଶ୍ୱର ଦାଶ, ଭୂପତି ପାତ୍ର, ହରନାରାୟଣ ମଡୁଆଳ, ଅକ୍ଷୟ ତ୍ରିପାଠୀ, ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ପ୍ରକାଶିନୀ ମାଝୀ, ବିଜୟ କୁମାର ବେହେରା, ସଂଯୁକ୍ତା ବେହେରା, ଚନ୍ଦ୍ରଶେଖର ଦାସ, ସ୍ୱାଗତିକା ପରିଡା, ରବି କୁମାର ପାଣିଗ୍ରାହୀ, ସୀତାରାମ ପ୍ରଧାନ, ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସରସ୍ୱତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଚୋରି ଭୟରେ ରାତି ଶୋଇପାରୁ ନାହାନ୍ତି ଲୋକ




ଖଇରା,୨୦।୨(ସମିସ): ଖଇରା ଥାନା ଅଧୀନରେ ଥିବା ପଞ୍ଚାୟତଗୁଡିକର ବାସିନ୍ଦାଙ୍କ ଚିନ୍ତା ଦିନକୁ ଦିନ ବଢିଚାଲିଛି। ଚୋରି ବଢିଚାଲିଥିବା ବେଳେ ଅପରାଧୀ ଧରା ନପଡ଼ିବା ଏବଂ ତା'ସହିତ ସମାନ ତାଳରେ ଥାନାରେ କର୍ମଚାରୀ ହ୍ରାସ ଖଇରାବାସୀଙ୍କ ଚିନ୍ତା ବଢ଼ାଇଚାଲିଛି। ଘରେ ତାଲା ଦେଇ କୁଆଡେ ଯିବାକୁ ଭୟ କରୁଥିବା ବେଳେ ଏଭଳି ଚିନ୍ତା ଖଇରାବାସୀଙ୍କ ନିଦ ହଜାଇ ଦେଇଛି। ଚିକିତ୍ସାପାଇଁ ରୋଗୀଙ୍କୁ ମେଡିକାଲ ଯାଉଥିବା ଆତ୍ମୀୟସ୍ୱଜନମାନେ ଚୋରି ଭୟ ଯୋଗୁ ଠିକରେ ଚିକିତ୍ସା କରାଇପାରୁନାହାଁନ୍ତି। ନିକଟରେ ମହତୀପୁର ଓ ଆମ୍ବଗଡିଆ ଗ୍ରାମର ୨ଟି ସ୍ୱର୍ଣକାତର ଘଟଣା ତଥା ଅନ୍ୟାନ୍ୟ ଛୋଟବଡ ଚୋରି ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗତ ୨୦୨୫ରେ ଓ ୨୦୨୬ ମସିହାରେ ଅଦ୍ୟାବଧି ଚୋରି ହିସାବକୁ ନେଲେ ପାଖାପଖି ୫୦ଟି ଚୋରି, ରାହାଜାନୀ, ଡକାୟତି ଓ ଛିନତାଇ ଭଳି ଘଟଣା ଘଟିଗଲାଣି। ଚୋରି ଘଟଣାକୁ ଲକ୍ଷ କଲେ ତାଲା ପଡିଥିବା ଘର ଓ ମନ୍ଦିରକୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳୁଛି। ନିକଟରେ ଆମ୍ବଗଡିଆ ଗ୍ରାମର ବଂଶୀଧର ମାଝୀ ଚିକିତ୍ସା ପାଇଁ କଟକ ବଡମେଡିକାଲ ଯାଇଥିବା ବେଳେ ତାଙ୍କ ଘରୁ ନଗଦ ୧୦ଲକ୍ଷ ଟଙ୍କା ଓ ଅନ୍ୟୂନ ୧୦ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଯିବା, ମହତୀପୁର ଗ୍ରାମର ସ୍ୱର୍ଗତ ଗୌରାଙ୍ଗ ମୁଖୀ ଚିକିତ୍ସାପାଇଁ ବିଶାଖାପାଟଣା ଯାଇଥିବା ବେଳେ ତାଙ୍କ ଘରୁ ସମସ୍ତ ଅଳଙ୍କାର ଲୁଟ ହେବା, ଗାଁରେ ଚାଲିଥିବା ଯାତ୍ରା ଦେଖିବାକୁ ଯାଇ ନନ୍ଦୁର ପଞ୍ଚାୟତ ଭାଲୁକି ଗ୍ରାମର କମଳା ବେହେରା ଓ ଜଳଦା ପଞ୍ଚାୟତ ତୁଟୋ ଗ୍ରାମର ଭଗବାନ ବାରିକଙ୍କ ଘରୁ ଚୋରି ଭଳି ବହୁ ଘଟଣା ତଥା ଅସଂଖ୍ୟ ଦୋକାନ ଚୋରି ଘଟଣା ସାଧାରଣ ଲୋକଙ୍କ ନିଦ ଚୋରାଇ ନେଇଛି। ଚୋରି ବଢିଚାଲିଥିବା ବେଳେ ଏତେବଡ ଥାନାରେ ଆଇଆଇସିଙ୍କୁ ଛାଡିଦେଲେ ମାତ୍ର ୨ଜଣ ଏଏସଆଇଙ୍କୁ ସବୁକଥା ବୁଝିବା ମୁସ୍କିଲ ତାହା ନୁହେଁ। ଚୋରି ପାଇଁ ବାଟ ପରିଷ୍କାର କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ଷ୍ଟାଫ ବଢାଇବା ନେଇ ଏସପିଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି।

# ସାଇ ଗୌରାଙ୍ଗ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନୀଳଗିରି, ୨୦।୨ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମପଞ୍ଚାୟତ ଅଧୀନ ଦକ୍ଷିଣ କୁଅଁରପୁରସ୍ଥିତ ସାଇ ଗୈରାଙ୍ଗ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ପର୍ବକୁ ସଂସ୍କାର ୧୧ଟା ସମୟରେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ଉତ୍ସବର ଉଦଘାଟକ ବିଶିଷ୍ଟ ଗାନ୍ଧୀବାଦୀ ପ୍ରଚାରକ ସମାଜସେବୀ ସର୍ବେଶ୍ୱର ଦାଶ, ବିଦ୍ୟାଳୟର ସଂପାଦିକା ଜ୍ୟୋସ୍ନାରାଣୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ପାଣିଗ୍ରାହୀ, ବିଦ୍ୟାଳୟର ଭାଇସ୍ ପ୍ରିନ୍ସିପାଲ ଗୀତାଞ୍ଜଳି ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୀଳଗିରି ଗଡ଼ଜାତ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସହିଦଙ୍କର ଫଟୋ ପ୍ରଦର୍ଶନୀକୁ ମୁଖ୍ୟଅତିଥି ପୁରୁଷୋତ୍ତମ ସେଠୀ ଉଦଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ମଳିକ ଧନ୍ୟବାଦ ଦେଇଥିଲେ। ଅପରାହ୍ଣ ୪ଟା ସମୟରେ ଦ୍ୱିତୀୟ ଅଧିବେଶନ ବିଦ୍ୟାଳୟର ସଭାପତି ତଥା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଏଣ୍ଟ କମିସନର, ବାଣିଜ୍ୟକର ଓଜିଏସଟି ଅକ୍ଷୟ କୁମାର ପଣ୍ଡା କହିଲେ, ଶ୍ରେଣୀର ପ୍ରଥମ ହେଉଥିବା ପିଲାଠାରୁ ଶେଷ ଧାଡ଼ିର ବସୁଥିବା ପିଲା ମଧ ଜଣେ ଭଲ ମଣିଷ ହୋଇପାରିବ ଯଦି ଉତ୍ତମ ସଂସ୍କାର ଗ୍ରହଣ କରିପାରିବ। ମୁଖ୍ୟବକ୍ତା ଯୁବକବି, ସାହିତ୍ୟିକ ଇଂ ସୁରେଶଚନ୍ଦ୍ର ବେହେରା ସାମ୍ବିଧାନିକତାର ବିଧି ବ୍ୟବସ୍ଥାର ମୂଲ୍ୟାୟନ ପୂର୍ବକ ଶିକ୍ଷାନୀତି ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ବରେଣ୍ୟ ଅତିଥି ସୁଜିତ ମହାନ୍ତି ବିଜ୍ଞାନର ଖସଡ଼ା ଭିତରେ ଛାତ୍ରଛାତ୍ରୀ ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱବାଖ୍ୟା କରିଥିଲେ। ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ଅତୁଲ ସ କର୍ତ୍ତବ୍ୟକୁ ପାଥେୟ କରି କାହାଣୀ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ବରେଣ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ଚୈଧୁରୀ, କବି ସୁନିଲ ମିଶ୍ର, ଶିକ୍ଷାବିତ ତଥା ସାଇ ଗୈରାଙ୍ଗ ଆଦର୍ଶ ବିଦ୍ୟାଳୟର ମାର୍ଗ ଦର୍ଶକ ଶନୈଶ୍ଚ ରଞ୍ଜନ ବେହେରା ବିଦ୍ୟାଳୟର ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବାସନ୍ତୀ ଲେଙ୍କା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ସୁଜୟାଲକ୍ଷ୍ମୀ ବେହେରା ଓ ଜ୍ୟୋତିପ୍ରକାଶ ମହାନ୍ତି ଉପସ୍ଥାପନ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱପ୍ନାଲି ଦାସ ଓ ସବିତା ରାଉତ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଜିର ସମ୍ୟାଶ୍ରୀ ମଞ୍ଚସ୍ଥ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମିନାକ୍ଷୀ କର, ମାନସୀ ସାହୁ, ମନ୍ଦାକିନୀ ସାହୁଙ୍କୁ ଗୈରାଙ୍ଗ ଚରଣ ଶ୍ରେଷ୍ଠ ଶିକ୍ଷୟିତ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶୁଭ୍ରମୟ ରାଉତ, ଶିକ୍ଷୟିତ୍ରୀ ଦମୟନ୍ତୀ ସେଠୀ, ପୁଷ୍ପାଞ୍ଜଳି ମଳିକ, ଲୋପାମୁଦ୍ରା ରାଉତ, ବାବୁଲା ସାର ଓ ବିଦ୍ୟାଧର ବେହେରା ସହଯୋଗ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀ ବିୟୋଗ



ଭୋଗରାଇ/ଚନ୍ଦନେଶ୍ୱର, ୨୦।୨ (ସମିସ): ଭୋଗରାଇର ଭାରତୀୟ ମୁକ୍ତି ସଂଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶ୍ୟାମସୁନ୍ଦର ଜେନାଙ୍କ ଧର୍ମପତ୍ନୀ ଇଭାରାଣୀ ଜେନାଙ୍କ ୯୪ ବର୍ଷ ବୟସରେ ଦେହାନ୍ତ ହୋଇଛି। ବାର୍ଦ୍ଧକ୍ୟ କାରଣରୁ ଟୁକୁରୀହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ଗାଁସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏହି ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଅତ୍ୟନ୍ତ ସ୍ନେହୀ, ଧର୍ମପରାୟଣା ଏବଂ ପରୋପକାରୀ ମହିଳା ଥିଲେ। ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଆତ୍ମୀୟ ସ୍ୱଜନ ତାଙ୍କର ଅନ୍ତିମ ଦର୍ଶନ କରିବା ସହିତ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜ୍ୱାଇଁ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗୟାରାମ ଜେନା, ପୁତୁରା ଅବସରପ୍ରାପ୍ତ ରେଳ କର୍ମଚାରୀ ପ୍ରଦୀପ କୁମାର ଜେନା, ଭଣଜା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅସିମ କୁମାର ଜେନା, ଡାକ୍ତର ଦେବବ୍ରତ ଜେନା, ଜିଲ୍ଲା ଯୋଗାଣ ଅଧିକାରୀ ଶତ୍ରୁଘ୍ନ ଦଳାଇ, ସମାଜସେବୀ ଅମ୍ବରିଶ ମହାନ୍ତି, ଅଶ୍ୱିନୀ ଜେନା, ଇଂ ଗୌତମ ଗୋପାଳ ଜେନା, ଇଂ ଗୋବିନ୍ଦ ଗୋସ୍ୱାମୀ ଜେନା, ଦୀପକ ଜେନା, ଶ୍ୟାମସୁନ୍ଦର ମାହାନା, ନାରାୟଣ ଭୂୟାଁ, ଭାନୁ ଚରଣ ଜେନା ପ୍ରମୁଖ ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ଶବାଧାରକୁ ଏକ ପଟୁଆରରେ ଗାଁ ପରିକ୍ରମା ପରେ ଗାଁ ମଶାଣିରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଅଶୋକ, ତପନ, ଇଣ୍ଡିଆନ ବ୍ୟାଙ୍କର ଚିଫ ମେନେଜର ଚନ୍ଦନ, ନାତି ଯୁବ ଆଇନଜୀବୀ ଅରୁପ ଜେନା ପ୍ରମୁଖ ମୁଖାଗ୍ନି ଦେଇଥିଲେ।

# ୨୬ରେ ପହଞ୍ଚିବେ ପରିବେଶ ସଚେତନତା ଅଭିଯାତ୍ରୀ



ବାଲେଶ୍ୱର, ୨୦।୨(ସମିସ): ଖଣି, ପାଣି, ଜମି, ଜଙ୍ଗଲ, ପାହାଡ଼ ଓ ଲଘୁ ଖଣିଜ ସମ୍ପଦ ପ୍ରଭୃତି ବିକ୍ରି ଓ ଲୁଟ ହୋଇଚାଲିଛି। ଅନେକ ନଦୀ, ଝରଣାର ଜଳସ୍ରୋତ ବନ୍ଦ ହୋଇଗଲାଣି। ଜଙ୍ଗଲୀ ଜୀବଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ଯହାଦ୍ୱାରା ପରିବେଶ ଓ ଜନଜୀବନ ବିପଦ ମଧ୍ୟକୁ ଠେଲି ହୋଇଯାଉଛି। ପ୍ରାକୃତିକ ବିପଦ ମାଡ଼ି ଆସୁଛି। ଏହାର ସୁରକ୍ଷା ପାଇଁ ବରିଷ୍ଠ ଓ ବିଶିଷ୍ଟ ପରିବେଶବିତ ତଥା ମେଗାସିସ ଆୱାଡର୍ ପ୍ରଫୁଲ୍ଲ ସାମନ୍ତରା ଓ ତାଙ୍କର ସାଥୀମାନେ ଆରମ୍ଭ କରିଥିବା ଜନ ସଚେତନତା ଯାତ୍ରା ଆସନ୍ତା ୨୬ ତାରିଖରେ ବାଲେଶ୍ୱରରେ ପହଞ୍ଚିବେ। ଏହି ଅଭିଯାତ୍ରୀ ଦଳକୁ ବାଲେଶ୍ୱର ସହରରେ ସମ୍ବର୍ଦ୍ଧନା ପାଇଁ ବାଲେଶ୍ୱର ସିଭିଲ ସୋସାଇଟିର ଏକ ଜରୁରୀ ବୈଠକ ଉଠାଜଳସେଚନ କର୍ମଚାରୀ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସିଭିଲ ସୋସାଇଟିର ଏହି ବୈଠକରେ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମନୋଜ ନାୟକ ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ସମଗ୍ର ଓଡ଼ିଶା ପରିକ୍ରମାରେ ବାହାରିଥିବା ଅଭିଯାତ୍ରୀଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୈଠକରେ ଉପସ୍ଥାପିତ କରିଥିଲେ। ଏଣୁ ଆସନ୍ତା ୨୬ ତାରିଖରେ ସ୍ଥାନୀୟ ବାଲେଶ୍ୱର କ୍ଲବ ସଭାଗୃହରେ ପ୍ରାକୃତିକ ପରିବେଶ ଓ ଜନଜୀବନର ସୁରକ୍ଷା ପାଇଁ ଜନ ସଚେତନତା ଯାତ୍ରା କରୁଥବା ଅଭିଯାତ୍ରୀମାନଙ୍କୁ ଏକ ସାଧାରଣ ସଭାରେ ଅଭ୍ୟର୍ଥନା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ ବିଭିନ୍ନ ସାମାଜିକ,ସାଂସ୍କୃତିକ, ଗଣସଂଗଠନ ଓ ବୁଦ୍ଧିଜୀବୀ ଯୋଗଦେବାକୁ ସୋସାଇଟି ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ଆଇନଜୀବୀ ସାହିରୁଲ ହକ, ଡ. କ୍ଷିତିଶ୍ୱର ଦାଶ, ପ୍ରତିମା ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ଜ୍ଞାନାନନ୍ଦ ମିଶ୍ର, ବିଷ୍ଣୁପ୍ରସାଦ ମହାନ୍ତି, ସେଖ ସଫିକ ମହମ୍ମଦ, ଜ୍ୟୋସ୍ନା ସେନାପତି, ରୋଜି ପଟ୍ଟନାୟକ, ସରସ୍ୱତୀ ପଣ୍ଡା, ମମତା ଦାସ, ଭରତଚନ୍ଦ୍ର ସେଠୀ, ବିଜୟ କୁମାର ବେହେରା, ପୁରୁଷୋତ୍ତମ ବେହେରା, ବନ୍ଦନା ବିଶ୍ୱାସ, ହେମଲତା ଦାସ, ବାସନ୍ତୀ ମିଶ୍ର ଓ ଜତିନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

### ବନ ବିଭାଗ ପକ୍ଷରୁ ସାଇକଲ ଶୋଭାଯାତ୍ରା

# ଉଦୟପୁର ବେଳାଭୂମିକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ହେବ ଟାସ୍କଫୋର୍ସ

ଚନ୍ଦନେଶ୍ୱର,୨୦।୨ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଉଦୟପୁର ବେଳାଭୂମିରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓ ଜଳେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ ଶୁକ୍ରବାର ସକାଳେ ମନୋରମ ବେଳାଭୂମି ଉଦୟପୁରଠାରେ ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଏକ ସଚେତନତା ଓ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବେଳାଭୂମିରେ ପ୍ଲାଷ୍ଟିକମୁକ୍ତ ସଚେତନତା ଓ ସାଇକଲ ଶୋଭାଯାତ୍ରାରେ ଜଳେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳର ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁ ସଚେତନତା ସୃଷ୍ଟି କରିଥିଲେ। ବେଳାଭୂମିକୁ ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ମାଟି, ପାଣି ଓ ପବନ ପ୍ରଦୂଷିତ ହେଉଛି। ଖାଲି ସେତିକି ନୁହେଁ, ଜୀବଜନ୍ତୁମାନେ ବ୍ୟାପକ ପରିମାଣରେ ପ୍ରଭାବିତ ହେଉଛନ୍ତି। ତେଣୁ ସୁସ୍ଥ ପରିବେଶ ଗଠନ ପାଇଁ ପ୍ଲାଷ୍ଟିକ ବର୍ଜନ କରିବାପାଇଁ ଉପସ୍ଥିତ ଛାତ୍ରଛାତ୍ରୀ, ଜନସାଧାରଣ ଓ ପର୍ଯ୍ୟଟକଙ୍କୁ ସଚେତନ କରିବା ସହିତ ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଅବିଳମ୍ବେ ଏକ ଟାସ୍କଫୋର୍ସ ଗଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସାହାବାଜିପୁର ଗ୍ରାମପଞ୍ଚାୟତର ସରପଞ୍ଚ ଅରୁଣ କୁମାର ଗିରି, ସମିତିସଭ୍ୟ ତରଣୀକାନ୍ତ ସେନାପତି, ବିଚିତ୍ରପୁର ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର, ଶିକ୍ଷକ ନେତା ସୁଶାନ୍ତ ବେହେରା, ଉଦୟପୁର ଜଙ୍ଗଲ କମିଟିର ସଭାପତି କାହ୍ନୁ ଚରଣ ବେହେରା ଏବଂ ଏଫଏନଜିଓ ବିଏସଏସଏସର ଟିମ ଲିଡ଼ର ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରତିଟି ପ୍ଲାଷ୍ଟିକ ଜିନିଷ ବ୍ୟବହାର ଉପରେ ଆମେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଗଲୁଣି। ତେବେ ଏବେଠୁ ସଚେତନ ନହେଲେ ଏହାର କୁପ୍ରଭାବ ଆଗାମୀ ଦିନରେ ଭୋଗିବାକୁ ପଡିବ। ପ୍ଲାଷ୍ଟିକ ବ୍ୟବହାର ଭୟାବହତା ସମ୍ପର୍କରେ ସଚେତନ କରାଇଥିଲେ। ପରିବେଶ ସାଥୀ ସୁସ୍ମିତା ମହାନ୍ତି, ମାନସୀ ପଟ୍ଟାୟତ, ଗଙ୍ଗାମଣୀ ତରାଇ, ଶାନ୍ତିଲତା ଜେନା, ସନ୍ଧ୍ୟାରାଣୀ ଦଳାଇ, ଜ୍ୟୋସ୍ନାରାଣୀ ଜେନା, ଉମାରାଣୀ ଜେନା, କନକ ମହାନ୍ତି, ଜ୍ୟୋସ୍ନାରାଣୀ ପ୍ରଧାନ, ତନୁଜା ଦଳପତି, ମମତା ବେହେରା ଓ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସକାଳ
THE SAKALA



### ସରକାରୀ ନିୟମକୁ ମାନୁନି ଯାତ୍ରା କମିଟି

# ମାଟ୍ରିକ ପରୀକ୍ଷା ସମୟରେ ଯାତ୍ରା ପରିବେଷଣକୁ ବିରୋଧ

ବାଲେଶ୍ୱର, ୨୦।୨(ସମିସ)









ଗତ ୧୯ ତାରିଖଠାରୁ ଓଡ଼ିଶାରେ ଆରମ୍ଭ ହୋଇଛି ମ୍ୟାଟ୍ରିକ ପରୀକ୍ଷା; ହେଲେ ଏହି ସମୟରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯାତ୍ରା ଏବଂ ଅପେରା ପରିବେଷଣ ଉପରେ ପ୍ରତିବନ୍ଧକ ଲଗାଇଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ। ଜିଲ୍ଲା ପ୍ରଶାସନର ପ୍ରତିବନ୍ଧକକୁ ଫୁଙ୍କ କରି ୩ ଦିନ ଧରି ଯାତ୍ରା ପରିବେଷଣ ପାଇଁ ପ୍ରଚାର ଗାଡ଼ି ଗାଁ ଗାଁରେ ଅଧିକ ଶବ୍ଦରେ ଘୂରି ବୁଲୁଛି। ଯାହା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଏବଂ ଭବିଷ୍ୟତ ଉପରେ ପ୍ରଭାବ ପକାଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ପରୀକ୍ଷା ସମୟରେ ଯାତ୍ରା ପରିବେଷଣକୁ ବିରୋଧ କରି ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

ବର୍ତ୍ତମାନ ମ୍ୟାଟ୍ରିକ ଏବଂ +୨ ପରୀକ୍ଷା ଚାଲିଛି। ଛାତ୍ରଛାତ୍ରୀଙ୍କ ପରିଶ୍ରମର ଭାଗ୍ୟ ନିର୍ଦ୍ଧାରଣ କରୁଥିବା ମ୍ୟାଟ୍ରିକ ପରୀକ୍ଷାରେ କୌଣସି ତ୍ରୁଟି ନ ହେବା ଦିଗରେ ଓଡ଼ିଶା ସରକାର ଅଣ୍ଟା ଭିଡ଼ିଥିବା ବେଳେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ସମୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ କୌଣସି ସମସ୍ୟା ଯେଭଳି ନ ଉପୁଜେ ସେଥିପ୍ରତି ବାଲେଶ୍ୱର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ମଧ୍ୟ ଗୁରୁତ୍ୱ ଦେଇଛି। ହେଲେ ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ଅଧୀନ ରାମପୁର ହାଟ ପଡିଆରେ ଆସନ୍ତା ୨୧ ତାରିଖ ଅର୍ଥାତ ଶନିବାରଠାରୁ ୨୩ ପର୍ଯ୍ୟନ୍ତ ରଙ୍ଗ ମହଲ ନାମର ଯାତ୍ରା ପାର୍ଟି ଯାତ୍ରା ପରିବେଷଣ କରିବା ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ବିଭିନ୍ନ ଗାଁରେ ଗାଡ଼ି ବୁଲାଇ ପ୍ରଚାର ଜାରି ରଖିଛି। ୩ ଦିନ ଧରି ଏହି ଯାତ୍ରା ପାର୍ଟି ଗାଡ଼ି ପ୍ରଚାର କରୁଥିବା ବେଳେ ଡାକବାଜି ଯନ୍ତ୍ରର ଶବ୍ଦରେ ଛାତ୍ରଛାତ୍ରୀ ଅତିଷ୍ଠ ହୋଇଥିବାର ଅଭିଯୋଗ ହୋଇଛି। ପିଲାଙ୍କ ଭବିଷ୍ୟତ ପାଇଁ ପ୍ରଶାସନ ନେଇଥିବା ନିଷ୍ପତ୍ତିର ଧଜିଆ ଉଡ଼ାଇ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳା ଯାଉଛି। ଏହା ଅଭିଯୋଗ କରି ସ୍ଥାନୀୟ ଗ୍ରାମବାସୀ ଯାତ୍ରା ପରିବେଷଣ ବନ୍ଦ କରିବା ପାଇଁ ଗତ ୧୯ ତାରିଖଠାରୁ ବାଲେଶ୍ୱର ଉପଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ୨ ଦିନ ବିତିଥିଲେ

> • ପ୍ରଚାର ଗାଡ଼ିର ଶବ୍ଦରେ ଅତିଷ୍ଠ ପରୀକ୍ଷାର୍ଥୀ
> • ଉପଜିଲ୍ଲାପାଳ ଓ ଏସପିଙ୍କ ଦ୍ୱାରସ୍ଥ ଗ୍ରାମବାସୀ
> 'ଯାତ୍ରା ପରିବେଷଣ ପାଇଁ ଅନୁମତି ମିଳିନି'

ସୁଦ୍ଧା ଜିଲ୍ଲା ପ୍ରଶାସନ ପ୍ରଚାର ଗାଡ଼ି ଉପରେ କୌଣସି ଅଙ୍କୁଶ ଲଗାଇ ନଥିବାରୁ ଗାଁ ଗାଁରେ ପ୍ରଚାର ଗାଡ଼ିର ପ୍ରଚାର ଶବ୍ଦରେ ମ୍ୟାଟ୍ରିକ ଏବଂ +୨ ପରୀକ୍ଷା ଦେଉଥିବା ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ପରୀକ୍ଷାର୍ଥୀଙ୍କ ଅଭିଭାବକ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏନେଇ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିୱାକରଙ୍କୁ ଯୋଗାଯୋଗ କରିବାରୁ ପରୀକ୍ଷା ଚାଲିଥିବାରୁ ଅଞ୍ଚଳବାସୀ ଅଭିଯୋଗ ଆଣିଥିଲେ। ଆମେ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଯାତ୍ରା ପରିବେଷଣ ଉପରେ ଅଙ୍କୁଶ ଲଗାଇବା ସହ ରିପୋର୍ଟ କରିଛୁ ବୋଲି ପ୍ରକାଶ କରିଛନ୍ତି। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କହିଛନ୍ତି, ଛାତ୍ରଛାତ୍ରୀଙ୍କ ପରୀକ୍ଷା ଚାଲିଥିବା ଯୋଗୁଁ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜିଲ୍ଲାରେ କୌଣସି ବି ସ୍ଥାନରେ ଯାତ୍ରା ପରିବେଷଣ ନିମନ୍ତେ ଅନୁମତି ଦିଆଯାଇ ନାହିଁ। ଉଭୟ ଅତିରିକ୍ତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ଯାତ୍ରା ପରିବେଷଣ ପାଇଁ କୌଣସି ବି କମିଟିକୁ ଅନୁମତି ଦିଆଯାଇ ନଥିବାର ପ୍ରକାଶ କରୁଥିବା ବେଳେ ପରୀକ୍ଷାର୍ଥୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରି ଆସନ୍ତାକାଲିଠାରୁ ଯାତ୍ରା ପରିବେଷଣ କରାଯିବା ନେଇ ପ୍ରଚାର କରାଯାଉଥିବା ବେଳେ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପରୀକ୍ଷାର୍ଥୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଏ ଦିଗରେ ଜିଲ୍ଲା ପ୍ରଶାସନ କୋଠର ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ସହ ଅଭିଭାବକ ଦାବି କରିଛନ୍ତି।

## 'ମନା' ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୦।୨(ସମିସ): ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ନେଳିଆବାଗସ୍ଥିତ ଅଫିସ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ବିବରଣୀ ପାଠ କରିଥିଲେ। ସୋର ବ୍ଲକ୍‌ର ସିଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମରେ ମଦ୍ୟପାନଜନିତ ମୃତ୍ୟୁ ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଆସନ୍ତାକାଲି ଅପରାହ୍ନରେ ଉପଦେଷ୍ଟା ସୁବ୍ରତ କରଙ୍କ ନେତୃତ୍ୱରେ 'ମନା'ର କର୍ମକର୍ତ୍ତାମାନେ ସାକ୍ଷାତ କରି ଆଲୋଚନା କରିବେ ବୋଲି ବୈଠକରେ ସ୍ଥିର କରାଗଲା। ଆସନ୍ତା ଏପ୍ରିଲ ମାସ ୧୯ ତାରିଖରେ 'ମନା'ର ଦଶମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବ। ଏଥିପାଇଁ ଆଲୋଚନା କରାଯାଇ ବିଭିନ୍ନ କମିଟିମାନ ମଧ୍ୟ ଗଠନ କରାଯାଇଛି। ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ସଞ୍ଜୟ ପଣ୍ଡା, ଶଶାଙ୍କ ଶେଖର ଦତ୍ତ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଗଙ୍ଗାଧର ପୃଷ୍ଟି, ଗୀତାଞ୍ଜଳି ସିଂହ, ସରସ୍ୱତୀ ପଣ୍ଡା, ନିରଞ୍ଜନ ରାଉତ, ତ୍ରିଦିବ ନାୟକ, ବସନ୍ତ କୁମାର ପ୍ରଧାନ, ଶୁଭଙ୍କର ମହାପାତ୍ର, ଶ୍ୟାମସୁନ୍ଦର ଜେନା ଓ ଆଭାସୀ ମାଧ୍ୟମରେ କମଳାକାନ୍ତ ଦାଶ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଉଦୟ ହେଲେ ଔପଦା ବ୍ଲକ୍ ବିଜେଡି ସଭାପତି

ଔପଦା,୨୦।୨(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ନୂତନ ବ୍ଲକ ବିଜେଡି ସଭାପତି ହେଲେ ଉଦୟ କୁମାର ସ। ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଅନୁମୋଦନକ୍ରମେ ଶ୍ରୀ ସଙ୍କୁ ନୂତନ ଭାବେ ଔପଦା ବ୍ଲକ ସଭାପତି ଭାବେ ରାଜ୍ୟ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ନିଯୁକ୍ତି ଦେଇଛନ୍ତି। ଶ୍ରୀ ସ ଜଣେ



ଦକ୍ଷ ସଂଗଠକ ଓ ରାଏରାମଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାବେ ନିଷ୍ଠାର ସହ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ନବନିଯୁକ୍ତ ବ୍ଲକ ସଭାପତି ଶ୍ରୀ ସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ତ୍ୟାଗ ନିଷ୍ଠାର ସହ ଦଳକୁ ତୃଣମୂଳ ସ୍ତରରୁ ମଜବୁଦ କରିବା ସହ ସାଧାରଣ ଜନତାଙ୍କ ସେବା ପାଇଁ ବ୍ରତୀ ରହିବି ବୋଲି ଶ୍ରୀ ସ ମତ ଦେଇଛନ୍ତି।

# ମାଫିଆଙ୍କୁ ସୁହାଉଛି କେନାଲ ରାସ୍ତା; ନିଷିଦ୍ଧାଞ୍ଚଳରୁ ଅହରହ ପଥର ଲୁଟ୍






ସୋର, ୨୦।୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ଏବଂ ମହୁମୁହାଣ ପଥର ଖାଦାନରୁ ଅହରହ ପଥର ଲୁଟ ଚାଲିଛି। ଏହି ପଥର ଲୁଟରେ ରୋକ ଲଗାଇବାକୁ ବାଲେଶ୍ୱର ଜିଲ୍ଲାପାଳ ଗତ ୨୦୨୫ ଡିସେମ୍ବର ୨ ତାରିଖରେ ଏହି ଅଞ୍ଚଳକୁ ୧୬୩ ଧାରା ଲାଗୁକରିବା ସହିତ ପୁଲିସ କ୍ୟାମ୍ପ ବସାଇଥିଲେ। ପୁଲିସ କ୍ୟାମ୍ପ ଏକ ପ୍ରହସନ ପାଲଟିଥିବାରୁ ପଥର ଚୋରି ରୋକିବା ଦୂରର କଥା ଏବେ ଅହରହ ପଥର ଲୁଟ ଚାଲିଛି। ଏହି ପଥର ଲୁଟ ପାଇଁ ମାଫିଆଙ୍କ ପ୍ରତି ବରଦାନ ସଦୃସ ପାଲଟିଛି ସାଲନ୍ଦୀ କେନାଲ ରାସ୍ତା। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ପଥର ବୋଝେଇ ଟ୍ରକ ପଥର ଚୋରା ଚାଲାଣ କରୁଥିବା ବେଳେ ଖଣି ବିଭାଗ ଓ ଜିଲାପ୍ରଶାସନ ନିରବଦ୍ରଷ୍ଟା ସାଜିଛି।କେବଳ ମାତ୍ର ଗୋଟିଏ ପୁଲିସ କ୍ୟାମ୍ପ ବସାଇ ନିଜ ଦାୟିତ୍ୱ ସାରି ଦେଇଛି। ମାସକୁ ୬ କୋଟିରୁ ଅଧିକ ଟଙ୍କାର ପଥର ଚାଲାଣ ହେଉଥିବା ବେଳେ ଖଣି ବିଭାଗର ନିରବତା ସମସ୍ତଙ୍କୁ ଚକିତ କରିଛି। ପୂର୍ବରୁ ସୋର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ପଥର ବୋଝେଇ ଗାଡ଼ି ସମେତ ନିଷିଦ୍ଧାଞ୍ଚଳରୁ ଜବତ ଚୋରା ପଥରକୁ ଲକ୍ଷ ଲକ୍ଷ ଟଙ୍କାରେ ନିଲାମ ଦିଆଯାଇ ରାଜସ୍ୱ ଆଦାୟ କରାଯାଉଥିଲା। ମାତ୍ର ଗତକାଲି ତହସିଲଦାର ଦୈତାରୀ ମଲ୍ଲିକଙ୍କୁ ଭିଜିଲାନ୍ସ ଟିମ ଗିରଫ କରିବା ପରେ ଏବେ ମାଫିଆଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଫଳରେ ଆଜି ଦିନତମାମ ଜତୀୟ ରାଜପଥରେ ଚୋରା ବାଲି ଓ ପଥର ଗାଡି ଧାଡି ବାନ୍ଧି ଚାଲୁଥିବା ଦେଖିବାକୁ ମିଳିଛି। ଶହ ଶହ ସଂଖ୍ୟାରେ ପଥର ଗାଡି ବେଫିକର ପଥର ଚାଲାଣ କରୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଖଣି ଓ ପୁଲିସ ପ୍ରଶାସନ କେଉଁ କାରଣରୁ ନିରବ ରହୁଛି। ମାଫିଆମାନେ ମାସିକିଆ ଚାନ୍ଦା ଦେଉଥିବାରୁ ଖଣି ଅଧିକାରୀ ନିରବ ଥିବା ଅଭିଯୋଗ ହୋଇଛି। ସୋରଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ରାସ୍ତାକଡ଼ ଥାନାରେ ମାସିକିଆ ବଟି ଦେଇ ରାଜପଥକୁ ନିଜସ୍ୱ ରାସ୍ତା ଭାବି ଟ୍ରକ ମାଲିକମାନେ ବେଫିକର ପଥର ଚୋରି କରି ଚାଲିଛନ୍ତି। ନିଷିଦ୍ଧାଞ୍ଚଳ ପଥର ଖାଦାନରେ ପୁଲିସ କ୍ୟାମ୍ପ ବସିଥିଲେ ମଧ୍ୟ କିପରି ଭାବେ ବ୍ଲାଷ୍ଟିଂ ହେଉଛି ଓ କିପରିଭାବେ ପଥର ଚୋରା ଚାଲାଣ ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଲଗାତାର ଚଢ଼ଉ କରିବା ସହିତ ଖାଦାନରୁ ପଥର ଲୁଟ ରୋକିବା ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଏକତା ଜରୁରୀ | ଜିଲ୍ଲା ସାମ୍ବାଦିକଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ

ଔପଦା,୨୦।୨(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଫତେପୁର ପଞ୍ଚାୟତ ଷୋଳଭଉଣୀ କ୍ଷୁଦ୍ର ଜଳ ଅମଳ ପ୍ରକଳ୍ପ ପରିସରରେ ଜିଲ୍ଲାସ୍ତରୀୟ ସାମ୍ବାଦିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କ ସୁରକ୍ଷା ଓ ବିଭିନ୍ନ ଦାବି ପୂରଣ କରିବାକୁ ହେଲେ



ଏକତା ଜରୁରୀ ବୋଲି ଉପସ୍ଥିତ ସାମ୍ବାଦିକମାନେ ମତ ରଖିଥିଲେ। ପୂର୍ବାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସୀତାରାମ ପାତ୍ର ସାମ୍ବାଦିକ ସଂଗଠନ ଗଠନରେ ତାଙ୍କର ରହିଥିବା ଅଭିଜ୍ଞତାକୁ କାମରେ ଲଗାଇ ଆଗକୁ ବଢ଼ିବା ନେଇ କହିଥିଲେ। ବରିଷ୍ଠ ସାମ୍ବାଦିକ ଅସୀମ ମହାପାତ୍ର ଉତ୍ତର ଓଡ଼ିଶାରେ ଏକ ସଂଗଠିତ ସାମ୍ବାଦିକ ସଂଗଠନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସୁବ୍ରତ କୁମାର ଦାସ, ଅଶେଷ କୁମାର ସ, ପ୍ରିୟନାଥ ବେହେରା, ରୁଚିକ ରଞ୍ଜନ ମହାପାତ୍ର, ରବୀନ୍ଦ୍ର ବିଶ୍ୱାଳ, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରଶାନ୍ତ ବିଶ୍ୱାଳ, ଭଗବାନ ମହଲ, ଜଗନ୍ନାଥ ପାତ୍ର, ଶରତ ବାରିକ, ମନୋଜ କୁମାର ପଣ୍ଡା, ଧରିତ୍ରୀ ପଣ୍ଡା, ଜୟଶ୍ରୀ ବେହେରା, ଜଗନ୍ନାଥ ପାତ୍ର, ଅଜୟ କୁମାର ପଣ୍ଡା, ବିନୋଦ ବାରିକ, କାର୍ତ୍ତିକ ପୁଥାଳ, ମାନସ ବେଜ, ଆସୁତୋଷ ପଣ୍ଡା, ଅରୁଣ ପ୍ରଧାନ, ଝିଲ୍ଲୀରାଣୀ ମୁଦୁଲି ଅଂଶଗ୍ରହଣ କରିଥିଲେ।

### ଭୋଗରାଇ ଅଞ୍ଚଳରେ ଚୋରା ବାଲିର ପାହାଡ଼

# ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ

ଭୋଗରାଇ ୨୦।୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ସୀମାନ୍ତ ଅଞ୍ଚଳ ବାଜିତପୁର ଓ ସାହାବାଜିପୁରରେ ବାଲି ମାଫିଆମାନେ ହଜାର ହଜାର ଟ୍ରିପ୍ ବାଲି ବିଭିନ୍ନ ସରକାରୀ ଓ ବେସରକାରୀ ଜାଗାରେ ଗଦେଇ କରିବା ସହ କୃତ୍ରିମ ବାଲିର ପାହାଡ଼ ସୃଷ୍ଟି କରି ପଶ୍ଚିମବଙ୍ଗକୁ ବିକ୍ରି କରୁଥିବାର ଦେଖିବାକୁ ମିଳିଛି। ହେଲେ ଏପଟେ ଜିଲ୍ଲା ପ୍ରଶାସନ ଲଘୁ ଖଣିଜ ଦ୍ରବ୍ୟ ଯଥା ବାଲି ଚୋରା ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଲେଶ୍ୱର ଜିଲ୍ଲାରେ ୨ଟି ନଦୀରୁ ବିଭିନ୍ନ ବାଲିଘାଟରେ ପ୍ରାୟ ୯ଟି ବାଲି ସୈରାତ ଅଛି। ପ୍ରତିବର୍ଷ ଏହି ବାଲି ସୈରାତଗୁଡିକ ରାଜ୍ୟ ସରକାରଙ୍କ ପକ୍ଷରୁ ନିଲାମ କରାଯାଇ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହୁଏ। ଏହି ବାଲି ସୈରାତଗୁଡିକରୁ ବାଲି ମାଫିଆମାନେ ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀ, ଖଣି ବିଭାଗର ଅଧିକାରୀ, ଅଞ୍ଚଳର ତହସିଲଦାର ଏବଂ ପୋଲିସ ଅଧିକାରୀଙ୍କୁ ହାତକରି ଗୋଟିଏ ବାଲି ପରିବହନ ଅନୁମତି ରସିଦ କାଟି ଅସାଧୁ ଉପାୟରେ ସେହି ରସିଦ ଦେଖାଇ ଶତାଧିକ ଟ୍ରିପ ବାଲି ଚୋରି କରି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥର ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ପାଣିଷଣ୍ଡା, ବାଜିତପୁର





ଓ ସାହାବାଜିପୁର ପଞ୍ଚାୟତ ରାସ୍ତା କୋଡ଼ର ଗଣେଶ୍ୱରପୁର ଦକ୍ଷିଣ ସରିଷା ଏବଂ ସାହାବାଜିପୁର ମୌଜାର ବିଭିନ୍ନ ସ୍ଥାନରେ ସହସ୍ରାଧିକ ଟ୍ରିପ୍ ହାଇୱା ବାଲି ଗଦା କରାଯାଇ ରଖାଯାଇଛି। ଏହା ଦେଉଳା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ୩ କିଲୋମିଟର, ବାଜିତପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରୁ ପ୍ରାୟ ୧୦୦ ମିଟର ଦୂର ହୋଇଥିବାବେଳେ ତହସିଲ କାର୍ଯ୍ୟାଳୟରୁ ୯ କି.ମି ଦୂରରେ ଅବସ୍ଥିତ ଥିଲେ ମଧ୍ୟ ଦୈନିକ ଏହି ଅଞ୍ଚଳକୁ ଜିଲ୍ଲାସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀ, ଖଣି ବିଭାଗ ଏବଂ ତହସିଲଦାର ଯିବା ଆସିବା କରୁଥିଲେ ମଧ୍ୟ ଏହି ଚୋରାବାଲି ପାହାଡ ଉପରେ ନିଶ୍ଚିତ ନଜର ପଡୁଥିବ। ହେଲେ ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ। ତଳଠାରୁ ସମସ୍ତେ ଉପର ଯାଏଁ ବାଲି ମାଫିଆଙ୍କଠାରୁ ଚାନ୍ଦା ନେଇ ଚୋରା ବାଲି ଚାଲାଣକାରୀଙ୍କୁ ସୁଯୋଗ ଦେଉଛନ୍ତି। ଏହି ସବୁ ଜାଗାରେ କିଏ କାହିଁକି କିପରି ଏବଂ କାହା ସାହାସରେ ପ୍ରାୟ ୧୦ ହଜାର ଟ୍ରିପ୍‌ରୁ ଊର୍ଦ୍ଧ୍ୱ ବାଲି ଜମେଇ ରଖିଛନ୍ତି ତାହା ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗକୁ ହିଁ ଜଣା।କେବଳ ଦକ୍ଷିଣ ସରିଷା କିମ୍ବା ସାହାବାଜିପୁର ନୁହେଁ ଭୋଗରାଇ ତହସିଲ ଅନ୍ତର୍ଗତ ନହରା, କମର୍ଦ୍ଦା,ବାଉଁଶଡ଼ିହା, ଦେଉଳା, ଅନଳିଆ, ଭୋଗରାଇ,ନୂଆ ଗାଁ,ନେଗୁଆ, ଜଗନ୍ନାଥପୁର, କଖଡା, ଚଣ୍ଡୀପୁର, ଚନ୍ଦନେଶ୍ୱର ଆଦି ରାସ୍ତା କୋଡ଼ ସାରା ହଜାର ହଜାର ଟ୍ରିପ୍ ବାଲି ଗଦା କରି ବେପାରୀମାନେ ଚୋରା ବେପାର କରୁଛନ୍ତି। ଜିଲ୍ଲା ପ୍ରଶାସନ ଚୋରା ବାଲି ରୋକିବା ପାଇଁ ଏବଂ ଗଚ୍ଛିତ ଥିବା ଚୋରା ବାଲିକୁ ଜବତ କରିବା ପାଇଁ ବିଭିନ୍ନ ସମୟରେ ପୁଲିସ ପ୍ରଶାସନ,ଖଣି ବିଭାଗ, ତହସିଲଦାର ଏବଂ ଆର୍‌ଆଇଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇ ଗଚ୍ଛିତ ବାଲିକୁ ଜବତ କରିବାକୁ ଏବଂ ଚୋରା ବାଲି ରୋକିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଏହା କେବଳ ଲୋକଦେଖାଣିଆ ବୋଲି ସଚେତନ ନାଗରିକ ମହଲରେ ଆଲୋଚନା ହେଉଛି। ଚୋରାବାଲି ମାଫିଆମାନେ ସିଂହଭାଗ ଅର୍ଥ ଜିଲ୍ଲାର ଉଚ୍ଚପଦସ୍ଥ ଅଧିକାରୀ ତଥା ଖଣି ବିଭାଗ ଅଧିକାରୀ ଏବଂ ଅଞ୍ଚଳର ଥାନା ପୋଲିସଙ୍କୁ ଦେଇ ଅନାୟାସରେ ଚୋରାବାଲି ବେପାର କରି ଚାଲିଛନ୍ତି। ବିଭିନ୍ନ ସମୟରେ ଗଣମାଧ୍ୟମରେ ଏହା ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ତାଗିଦ୍ ପରେ ମଧ୍ୟ ଜିଲ୍ଲାରେ ବାଲି ସୀମାନ୍ତ ସାହାବାଜିପୁର ବୋର୍ଡ଼ର, କଖଡ଼ା, ଅନଳିଆ ଆଦି ଅଞ୍ଚଳ ଦେଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ପଶ୍ଚିମବଙ୍ଗକୁ ଏଭଳି ବାଲି ଚୋରା ଚାଲାଣ ଉପରେ କେବେ କାର୍ଯ୍ୟାନୁଷ୍ଠାନ ନେବେ ତାହାକୁ ନେଇ ଅଞ୍ଚଳବାସୀ ଆଶଙ୍କାରେ ଅଛନ୍ତି।

## ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଗଣେଶ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

ବାଲିଆପାଳ, ୨୦।୨(ସମିସ): ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ଶ୍ରଦ୍ଧାପତି ଜଗନ୍ନାଥ ମନ୍ଦିର ପରିସରରେ ଅବସରପ୍ରାପ୍ତ ଅଧକ୍ଷ ଡ଼ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ଆର୍ଥିକ ଅନୁଦାନରେ ଗଣପତି ଦେବଙ୍କ ଏକ ଭବ୍ୟ ମନ୍ଦିର ଭୂମି ପୂଜନ ସମ୍ପୂର୍ଣ ହୋଇଯାଇଛି। ଡ଼ ହୃଦୟରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ମନ୍ଦିର ପୂଜକ ଓ ଅନ୍ୟ



ପୂଜକଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଶେଷ କରାଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ବ୍ରଜକିଶୋର ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ବରିଷ୍ଠ ସଦସ୍ୟ ମୁରଲୀ ମୋହନ ସାହୁ, ମଧୁସୁଧନ ବାରିକ ମଧୁସୁଧନ ସାହୁ, ପ୍ରିୟନାଥ ସେଠୀ, କାଳିଚରଣ ଦେ, ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଓ ଦିବ୍ୟକାମ ମହାନ୍ତି ସହଯୋଗ କରିଥିଲେ।

## ମରଣଯନ୍ତା ପାଲଟିଛି ବାହାର୍ଦ୍ଦା-ନିଜାମପୁର ରାସ୍ତା

ବାଲେଶ୍ୱର(ଉତ୍ତର), ୨୦।୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦୁଡ଼ପଳ ପଞ୍ଚାୟତ ନିଜାମପୁର ଓ ବାହାର୍ଦ୍ଦା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାର କମ୍ପାଗଡ଼ିଆ ନିକଟରୁ କମର୍ଦ୍ଦା–ଉଲ୍ଲୁଡ଼ା ମୁଖ୍ୟରାସ୍ତା ପର୍ଯ୍ୟନ୍ତ କଂକ୍ରିଟ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ପଞ୍ଚାୟତ ପକ୍ଷରୁ ଏହି ରାସ୍ତାଟି ଦୁଇଥର ମରାମତି ହୋଇଥିଲେ ମଧ୍ୟ ନିମ୍ନମାନର




କାର୍ଯ୍ୟ ଯୋଗୁଁ ଏଭଳି ଅବସ୍ଥା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ପ୍ରତିଦିନ ବାଇକ ଓ ସାଇକଲ ଆରୋହୀ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ବର୍ଷା ଦିନରେ ଦୁର୍ଦ୍ଦଶା ଦୁଇଗୁଣ ବଢ଼ିଯାଉଛି। ରାସ୍ତା ଉପରେ ପାଣି ଜମି ରହିବାରୁ ଖାଲୁଅ ହୋଇ ପାଣି ଜମିଯାଉଛି। ଏହି ରାସ୍ତାଟି ମୁଖ୍ୟରାସ୍ତାକୁ ବାହାରିବା ପାଇଁ ଗ୍ରାମବାସୀଙ୍କ ଏକମାତ୍ର ରାସ୍ତା ହୋଇଥିବାରୁ ଲୋକେ ଦୀର୍ଘଦିନ ଧରି ଯିବାଆସିବାରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଗ୍ରାମବାସୀ ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ବ୍ଲକ ପ୍ରଶାସନକୁ ନିବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଦାବି ହୋଇଛି।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ଅନିୟମିତତା

ବାଲେଶ୍ୱର(ଉତ୍ତର), ୨୦।୨(ସମିସ)



ସରକାର କା ମାଲ ଦରିଆମେ ଡାଲ। ଏହି ନ୍ୟାୟରେ ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନର ସରକାରଙ୍କ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତା ମରାମତି ସହିତ ନୂତନ ରାସ୍ତା ନିର୍ମାଣ ଚାଲିଛି। ମାତ୍ର ସବୁଠି ଚାଲିଛି ନିମ୍ନମାନର କାର୍ଯ୍ୟ। ଯେତେ ଠକାମି ସେତେ ଦୁର୍ନୀତି। ୩୩ ଲକ୍ଷ ଟଙ୍କାର ରାସ୍ତା ଚାରିଦିନ ବି ଯାଉନି। ହାତ ମାରିଲେ ଉଠି ଯାଉଛି ପିଚୁ, ଗୋଡ଼ ବାଜିଲେ ପିଚୁରୁ ଖସି ଯାଉଛି ଗୁଡ଼ି। ଗୋଟିଏ କି ଦୁଇଟି ସ୍ଥାନରେ ନୁହେଁ ଯେଉଁଠି ହାତ ମାରିବେ ସେଇଠି ଉଠୁଛି ପିଚୁ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସମ୍ପୃକ୍ତ ବିଭାଗ ଅଧୀନରେ କମରର୍ଦ୍ଦାରୁ ଖଏର୍ଦ୍ଦା ପିଚୁ ରାସ୍ତା ନିର୍ମାଣରେ ଏଭଳି କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଏହା ଦେଖି ସେଠାକାର ସ୍ଥାନୀୟ ଅଞ୍ଚଳବାସୀ ରାସ୍ତା କାର୍ଯ୍ୟକୁ ବନ୍ଦ କରିଥିବା ଜଣାପଡିଛି। ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦାରୁ ଖଏର୍ଦ୍ଦା ଦେଇ ପଶ୍ଚିମବଙ୍ଗକୁ ସଂଲଗ୍ନ କରୁଥିବା ଏହି ରାସ୍ତା ଦୀର୍ଘ ଦିନ ଧରି ଖାଲ ଖମା ହୋଇ ପଡିଥିଲା। ବହୁ ଦାବି ପରେ ଗତ ୧୫/୧/୨୦୨୬ରେ ଆରମ୍ଭ ହୋଇଥିଲା ଏହାର ମରାମତି କାର୍ଯ୍ୟ। ରାସ୍ତା ମରାମତି ସହିତ ପିଚୁ ପକାଇବା ପାଇଁ ୩୩ ଲକ୍ଷ ୯୦ ହଜାର ୧୬୩ ଟଙ୍କା ବ୍ୟୟବରାଦରେ ଆରମ୍ଭ ହୋଇଥିଲା ଏହି କାର୍ଯ୍ୟ। କିନ୍ତୁ ରାସ୍ତା ନିର୍ମାଣ

> କମର୍ଦ୍ଦା-ଖଏର୍ଦ୍ଦା ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

କରୁଥିବା ଠିକାଦାର ନିମ୍ନ ମାନର କାର୍ଯ୍ୟ କରୁଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିବା ସହିତ ରାସ୍ତା କାମକୁ ବନ୍ଦ କରିଛନ୍ତି। ତେବେ ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖରେ ଚାଲିଥିବା କାର୍ଯ୍ୟ ଚାଲୁଥିଲା ବେଳେ ଏଠାରେ ପ୍ରଶ୍ନ ଉଠୁଛି ଏଭଳି ନିମ୍ନମାନର କାର୍ଯ୍ୟକୁ ପ୍ରଶ୍ରୟ ଦେଉଛି କିଏ ? କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁଛନ୍ତି କି ନାହିଁ ? କାହିଁକି ଯାଞ୍ଚ ହେଉନାହିଁ କାମର ମାନ ? ନା ସମ୍ପୃକ୍ତ ଠିକାଦାରଙ୍କ ହାତବାରିସୀ ସାଜିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଓ ଅଧିକାରୀମାନେ ? ସେନେଇ ଅଞ୍ଚଳରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏହି ରାସ୍ତା ନିର୍ମାଣରେ ଦୁର୍ନୀତିର କଳା ଚିଠା ଖୋଲୁଥିବା ବେଳେ ଘଟଣା ବାବଦରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି, ସବୁ କାମ ଠିକ ଅଛି। ତେବେ, ସେ ଠିକାଦାରଙ୍କୁ ଘଣ୍ଟ ଘୋଡାଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଉନ୍ନୟନ କାମ ନାଁରେ ସରକାରୀ ଟଙ୍କା ହରିଲୁଟ କରିବା ନିଶ୍ଚିତ ଭାବେ ସମ୍ବେଦନଶୀଳ। ବିଭାଗକୁ ଠକି ନିଜ ପକେଟ ଗରମ କରୁଥିବା ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# କାର୍-ବାଇକ୍ ଧକ୍କା; ୧ ମୃତ, ୨ ଗୁରୁତର

ବେତନଟୀ,୨୦।୨(ସମିସ): ବେତନଟୀ ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ବେତନଟୀ ସତସଙ୍ଘ ବିହାର ନିକଟରେ ଶୁକ୍ରବାର ଅପରାହ୍ନରେ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍‌ର ବସିଥିବା ତିନିଜଣଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ଜଣକ ହେଉଛନ୍ତି ଏହି ଥାନା ଅଧୀନ ଦହିକୋଠି ଗ୍ରାମର ସ୍ୱର୍ଗତ ରଥ ସିଂଙ୍କ ପତ୍ନୀ କନ ସିଂ (୪୦) ବୋଲି ଜଣାପଡିଛି। ବାଇକରେ ଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ସୁବ୍ରତ ସିଂ ହୋଇଥିବାବେଳେ ଅନ୍ୟ ଜଣକ ପରିଚୟ ମିଳିପାରିନାହିଁ। ବାଇକ୍ ଆରୋହୀ ସତସଙ୍ଘ ବିହାର ନିକଟରେ ରାଜପଥ ଅତିକ୍ରମ କରୁଥିବାବେଳେ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ତିନିଜଣ ଛିଟିକି ପଡ଼ିଥିଲେ। କାର୍ ଚାଳକ କାର୍‌ରେ ଆହତଙ୍କୁ ନେଇ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ତିନିଜଣଙ୍କ ମଧ୍ୟରୁ କନ ସିଂଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ପୁଲିସ ଜବତ କରି ଥାନାକୁ ନେଇଥିବା ଜଣାପଡିଛି।

## ଦୋକାନରୁ ଚୋରି

ରାଇରଙ୍ଗପୁର/କରଞ୍ଜିଆ,୨୦।୨ (ସମିସ): ଯଶିପୁର ବଜାରରେ ଥିବା ଦୋକାନରୁ ଚୋରି ହୋଇଛି। ଏନେଇ ଦୋକାନ ସତ୍ତ୍ୱାଧିକାରୀ ବିକାଶ ରାମ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ଦୋକାନ ବନ୍ଦ ଥିବାବେଳେ କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ଯନ୍ତ୍ରାଂଶ ମିଶି ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ସକାଳୁ ଘଟଣା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ଇଲେକ୍ଟ୍ରୋନିକ୍ସ ଦୋକାନରୁ ଚୋରି

ରାଇରଙ୍ଗପୁର/କରଞ୍ଜିଆ,୨୦।୨(ସମିସ): ଯଶିପୁର ବଜାରରେ ଥିବା ଇଲେକ୍ଟ୍ରନିକ୍ସ ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନ ସତ୍ତ୍ୱାଧିକାରୀ ରାଜଶେଖର ରାମ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ଦୋକାନ ବନ୍ଦ ଥିବାବେଳେ ଟିଭି ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ସକାଳୁ ଘଟଣା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ଅଧିକ ଅର୍ଥ ରୋଜଗାର ପ୍ରଲୋଭନ ଦେଖାଇ ଠକେଇ

ରାଇରଙ୍ଗପୁର/କରଞ୍ଜିଆ,୨୦।୨(ସମିସ): ଅଦୃଶ୍ୟ ସାଇବର ଠକଙ୍କ ପ୍ରାଦୁର୍ଭାବ ପୁଣି ଦେଖିବାକୁ ମିଳିଛି। ଅନଲାଇନ ଜରିଆରେ ଅଧିକ ଅର୍ଥ ରୋଜଗାର କରିବାର ପ୍ରଲୋଭନ ଦେଖାଇ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ଶିକାର ନେଇ ଅଭିଯୋଗ ହୋଇଛି। ଏ ନେଇ କରଞ୍ଜିଆ ଥାନା ଅନ୍ତର୍ଗତ ରସମତଲା ଗ୍ରାମର ସପନ କୁମାର ମହାନ୍ତ ଠକାମୀର ଶିକାର ନେଇ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଏକ ଫୋନ ଆସିଥିଲା। ଇ-କମର୍ସ ଜରିଆରେ ଅଧିକ ଟଙ୍କା କମାଇବାର ପ୍ରଲୋଭନ ଦେଖାଇଥିଲେ। ଠକଙ୍କ କହିବା ଅନୁଯାୟୀ ସେ ଟଙ୍କା ଲଗାଇଥିଲେ। ଏଥିରେ ସେ ପ୍ରଲୋଭିତ ହୋଇ ପର୍ଯ୍ୟାୟକ୍ରମେ ମୋଟ ୧,୨୭,୫୯୨ ଟଙ୍କା ପ୍ରଦାନ କରିଥିଲେ। ଏହାପରେ ଟଙ୍କା ପ୍ରଦାନ ନେଇ ସଂସ୍ଥା ପକ୍ଷରୁ କୌଣସି ଯୋଗାଯୋଗ କରି ନ ଥିଲେ। ଯାହାକୁ ନେଇ ଦୁର୍ବୃତ୍ତଙ୍କ ଦ୍ୱାରା ଅନଲାଇନ ଠକାମୀର ସେ ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

## ସଦର ବନାଞ୍ଚଳରେ ୨୫ ଟିକିଆ ହାତୀ



କେନ୍ଦୁଝର, ୨୦।୨(ସମିସ): କେନ୍ଦୁଝର ସଦର ବନାଞ୍ଚଳରେ ୨୫ ଟିକିଆ ହାତୀପୋଲ ଆତଙ୍କ ଖେଳାଇ ଚାଲିଛନ୍ତି। ଗତକାଲି ଏହି ହାତୀ ଦଳ ଆମ୍ବଡହରା ଜଙ୍ଗଲରେ ଥିଲେ। ସନ୍ଧ୍ୟାରେ ଟିକରପଡା ଦେଇ ମହାଦେଇଯୋଡା ଲକ୍ଷ୍ମୀ ପଡିଆ ପାରି ହୋଇ ବରଦାପାଳ ଜଲ୍ଲାସାହି ଜଙ୍ଗଲ ମୁହାଁ ହୋଇଥିଲେ। ଲୋକେ ଭୟଭିତ ହୋଇ ନିଆଁ ଜାଳି ହାତୀମାନଙ୍କୁ ଘୋଉଡ଼ାଇଥିଲେ। ପରେ ଏହି ଦଳରୁ ୧୭ଟି ହାତୀ କେନ୍ଦୁପଶି, ହାତୀକୁଚା କେନାଲ ଦେଇ ନୂଆଗାଁ ଆମ୍ବତୋଟା ପାରି ହୋଇ ଗୋହାଲଡିହି ରେଳ ଧାରଣା କୋଡ ଦେଇ ଡିମିରିଡିହା ବିସ୍ତାପାଳ ପାରି ହୋଇ ମଙ୍ଗଳାପଶି ସାହି ନାଳ ଜଙ୍ଗଲରେ ହାତୀପଲ ଡେରା ପକାଇଛନ୍ତି। ବନ ବିଭାଗ କର୍ମଚାରୀ ଓ ହାତୀ ଘଉଡ଼ାଇବା ସ୍କ୍ୱାଡ ପହଞ୍ଚି ଗତିବିଧି ଉପରେ ନଜର ରଖିଛନ୍ତି। ତେବେ ହାତୀପୋଲ ଯେଉଁ ଗତିବିଧି ଦେଇ ଆସିଛନ୍ତି ବିଭିନ୍ନ ସ୍ଥାନରେ ପନିପରିବା ଫସଲ ନଷ୍ଟ କରିଥିବା ଜଣାପଡିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ବନବିଭାଗ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

# ଲକ୍ଷାଧିକ ଟଙ୍କାର ସାଇବର ଠକେଇ ମାମଲା: ୨ ଗିରଫ, ୨ ଅଟକ

ଯୋଡ଼ା, ୨୦।୨(ସମିସ)



ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଅଧୀନରେ ଥିବା ଜାତୀୟ ସାଇବର ଅପରାଧ ରିପୋର୍ଟ ଏବଂ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ଦାଗଡୁଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ଥାନା ପକ୍ଷରୁ ସାଇବର ଅପରାଧ ମାମଲାରେ ଆନ୍ତଃରାଜ୍ୟ ଲୁଟେରାଙ୍କ ଲିଙ୍କରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଆଉ ୨ ଜଣଙ୍କୁ ଅଟକ ରଖାଯାଇଛି। ୨ ଗିରଫ ଅଭିଯୁକ୍ତ ହେଲେ ଯୋଡ଼ା ଆଜାଦ ବସ୍ତି ଏବଂ ହୁଡିସାହି ଅଞ୍ଚଳର ଆଶିଷ ଦାସ ଏବଂ ସରଫରାଜ ଆଲାମ। ସେମାନେ ଲକ୍ଷାଧିକ ଟଙ୍କାର ସାଇବର ଠକେଇରେ ସମ୍ପୃକ୍ତି ଥିବା ନେଇ ପୁଲିସ ସୂଚନା ଦେଇଛଇ। ଉଭୟଙ୍କଠାରୁ ୪ଟି ମୋବାଇଲ, ବ୍ୟାଙ୍କ ଆକାଉଣ୍ଟ ଆଦି ଜବତ କରାଯାଇଛି। ପୁଲିସ ଆଇଟି ଆକ୍ଟ ୨୦୦୦ ଧାରା୬୬(ଡି) ଏବଂ ବିଏନଏସ ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ଥାନାଧିକାରୀ ପ୍ରଶାନ୍ତ ସାମଲ ସୂଚନା ଦେଇଛନ୍ତି। ଆଶିଷ ଏବଂ ସରଫରାଜ ପଶ୍ଚିମବଙ୍ଗ କଲିକତାରେ ରହୁଥିବା ଆନ୍ତରାଜ୍ୟ ସାଇବର ଲୁଟେରା ଗୌରବ କୁମାରଙ୍କ ଇସାରାରେ ଗରିବ ମହିଳା, ବେରୋଜଗାରୀ ଯୁବକ ଏବଂ ଆର୍ଥିକ ଦୁର୍ବଳ ଲୋକଙ୍କୁ ଟାର୍ଗେଟରେ ନେଇ କିଛି ପ୍ରଲୋଭନ ଦେଖାଇ ସେମାନଙ୍କ ଆକାଉଣ୍ଟ ଏବଂ ଏଟିଏମ କାର୍ଡ, ଚେକ ବୁକ ନେଇ ମଧ୍ୟସ୍ଥ ହୋଇ ହ୍ୟାକରଙ୍କୁ ଜିମା ଦେଉଥିଲେ। ହ୍ୟାକରମାନେ ନିରୀହ ଲୋକଙ୍କ ଭୁଆଁ ବୁଲେଇ ତାଙ୍କ ଆକାଉଣ୍ଟରୁ ଚଲୁ କରି ମ୍ୟୁଲ ଆକାଉଣ୍ଟ(ଧୋକାଧାଡି ପାଇଁ ବ୍ୟବହାର)କୁ ବ୍ୟବହାର କରୁଥିଲେ। ଯାହାକୁ ପରେ ହ୍ୟାକରମାନେ ଏଟିଏମରେ ଟଙ୍କାକୁ ଉଠାଉଥିଲେ। ଲୁଟୁଥିବା ଟଙ୍କାରୁ ଆକାଉଣ୍ଟଧାରୀମାନେ ଆଶିଷ ଦାସ ଏବଂ ସରଫରାଜ ଆଲାମଙ୍କ ମାଧ୍ୟମରେ ମାସିକ ୧୦୦୦ କିମ୍ବା ୨୦୦୦ ଟଙ୍କା ଲେଖାଏଁ ଦେଇ ଏହି ରାକେଟ ଚଳେଇଆସୁଥିଲେ। ଜବତ ହୋଇଥିବା ଆକାଉଣ୍ଟରୁ ୭୦ରୁ ୮୦ ଲକ୍ଷ ଟଙ୍କାର ଲେନଦେନ ହୋଇଥିବା ପ୍ରଥମିକ ତଦନ୍ତରେ ଜଣାପଡିଛି। ଆଗକୁ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ଥାନାଧିକାରୀ ଶ୍ରୀ ସାମଲ କହିଛନ୍ତି।

**ଯଶିପୁରର ବିଭିନ୍ନ ବ୍ୟାଙ୍କରେ ୪ଟି ମ୍ୟୁଲ ଆକାଉଣ୍ଟ ଠାବ**

# ଅନୈତିକ ଓ ଅପରାଧିକ କାର୍ଯ୍ୟକଳାପ ପାଇଁ ହେଉଥିଲା ଅର୍ଥ ନେଣଦେଣ

ରାଇରଙ୍ଗପୁର/କରଞ୍ଜିଆ,୨୦।୨(ସମିସ)

ଅନୈତିକ ଭାବେ ଅପରାଧିକ କାର୍ଯ୍ୟକଳାପ ପାଇଁ ଅର୍ଥ ନେଣଦେଣ ସକାଶେ ରାଜ୍ୟର ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା "ମ୍ୟୁଲ ଆକାଉଣ୍ଟ' ସମ୍ପର୍କରେ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଯାଞ୍ଚ ସମୟରେ ଯଶିପୁର ଥାନା ଅଞ୍ଚଳରେ ୪ଟି ମ୍ୟୁଲ ଆକାଉଣ୍ଟ ପୁଲିସ ଦ୍ୱାରା ଠାବ କରାଯାଇଛି। ସାଇବର କ୍ରାଇମ କୋର୍ଡିନେସନ କେନ୍ଦ୍ର ସହାୟତାରେ ସିବି ସିଆଇଡି ଦ୍ୱାରା ଅପରେସନ ସାଇବର କବଚ ଯାଞ୍ଚ ସମୟରେ ୪ଟି ମ୍ୟୁଲ ଆକାଉଣ୍ଟ ଠାବ କରାଯାଇଛି। ସେମାନେ ହେଲେ ଯଶିପୁର ଥାନା ଅନ୍ତର୍ଗତ ଧାତିକିଆ ଗ୍ରାମର ନିହାର ରଞ୍ଜନ ମହାନ୍ତ, ଦଳକିବେଡା ଗ୍ରାମର କୁନି ଜାମୁଡା, ଛେଳିଗୁଦୁଲି ଗ୍ରାମର ନିଳଟପାଳ ମାର୍ଣ୍ଡି ଓ ଗଡ଼ ତଳସାହି ଗ୍ରାମର ଦେବେନ୍ଦ୍ର ବାରିକ। ଉକ୍ତ ଲୋକ ସମ୍ପୃକ୍ତ ଥିବା ନେଇ ଜଣାପଡିଛି। ବ୍ୟାଙ୍କରେ ଥିବା ଉକ୍ତ ଆକାଉଣ୍ଟ ଦ୍ୱାରା ଅବୈଧ ଭାବେ ପ୍ରାପ୍ତ ଧନରାଶି ତଥ୍ୟ ସମ୍ମୁଖକୁ ଆସିଛି। ମୟୂରଭଞ୍ଜ ଜିଲ୍ଲାର ବାରିପଦା ଟାଉନ, ବୈଶିଙ୍ଗା, ଉଦଳା ଓ ଭଞ୍ଜପୁର ଆଦି ପ୍ରମୁଖ ଥାନା ପରେ ଯଶିପୁର ଥାନା ଅଞ୍ଚଳରୁ ଉକ୍ତ ଆକାଉଣ୍ଟ ଠାବ କରାଯାଇଛି। ଓଡ଼ିଶାର କ୍ରାଇମ ସାଇବର ତଦନ୍ତ ପ୍ରକ୍ରିୟା ଜାରି ରଖିଛନ୍ତି। ଉକ୍ତ ଆକାଉଣ୍ଟ ଦ୍ୱାରା ଅର୍ଥରାଶିର ମୂଳ ଉତ୍ସକୁ ଲୁଚାଯାଇପାରେ। ଏଭଳି ଆକାଉଣ୍ଟ ସାଧାରଣତଃ ଭୁଲ ପରିଚୟପତ୍ର ଦେଇ କିମ୍ବା ନିରୀହ ଲୋକଙ୍କୁ ପ୍ରଭାବିତ କରି ବ୍ୟାଙ୍କରେ ଖାତା ଖୋଲାଯାଇଥାଏ। ଯଶିପୁର ଥାନାରେ ଆକାଉଣ୍ଟ ମାନ ଯାଞ୍ଚ କରାଯାଇ ୪ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଏହିପରି ଭାବେ ଜିଲ୍ଲାର ଅନ୍ୟାନ୍ୟ ଥାନା ଅଧୀନରେ ଥିବା ବ୍ୟାଙ୍କ ଗୁଡ଼ିକରେ ମ୍ୟୁଲ ଆକାଉଣ୍ଟ ସମ୍ପର୍କରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଚାଲିଛି।

# ଟିପିଏନ୍, ଡିଏଲ୍ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ବୈଠକ




ଶୁଳିଆପଦା,୨୦।୨(ସମିସ): ଶୁଳିଆପଦା ବ୍ଲକ୍ ସମ୍ମିଳନୀ କକ୍ଷରେ ଆଜି ଟିପିଏନ ଓ ଡିଏଲ୍ ଶୁଳିଆପଦା ସେକ୍ସନ ତରଫରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁଳିଆପଦା ବିଡିଓ ଲକ୍ଷ୍ମୀସାଗର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ, ବ୍ଲକ୍ ମଙ୍ଗଳ ଅଧିକାରୀ ସୁମିତ୍ ବିକ୍ରମ ନାଏକ, ବାରିପଦା ଡିଭିଜନ ଓଏଜି-୨ ମାନସ ରଞ୍ଜନ ଶୁକ୍ଳା ପ୍ରମୁଖ ମଞ୍ଚାସୀନ ଥିବାବେଳେ ଶୁଳିଆପଦା ସେକ୍ସନର ଏଇଇ ପଦ୍ମକିଶୋର ଜେନା ମଞ୍ଚ ସଂଚାଳନ କରିଥିଲେ। ଏହି ବୈଠକରେ ବ୍ଲକ୍ ଅଧୀନ ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଓ ପିଇଓ ଉପସ୍ଥିତ ଥିଲେ। ଶ୍ରୀ ଶୁକ୍ଳା ପ୍ରଥମେ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ନିଜେ ସୁରକ୍ଷା ଭିତରେ ରହିବା ସହିତ ଜନସାଧାରଣଙ୍କ ସୁରକ୍ଷା ବାବଦରେ ମଧ୍ୟ ଧ୍ୟାନ ଦେବା ବାବଦରେ ଆଲୋଚନା କରିବା ସହିତ ସଠିକ ସମୟରେ ବିଜୁଳି ବିଲ୍ ପୈଠ କରି ମିଳୁଥିବା ଛାଡ ନେବା, ସ୍ମାର୍ଟ ମିଟର, ମାଗଣା ବିଜୁଳି ପାଇଁ ସରକାରୀ ସବସିଡିରେ ପିଏମ୍ ସୂର୍ଯ୍ୟ ଘର ର ଫାଇଦା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟ ନିଜ ନିଜ ଅଞ୍ଚଳର ବିଦ୍ୟୁତ୍ ସମ୍ବନ୍ଧୀୟ ସୁବିଧା, ଅସୁବିଧା ବାବଦରେ ଆଲୋଚନା ହୋଇଥିଲା। ପ୍ରୋଜେକ୍ଟର ମାଧ୍ୟମରେ ସୁରକ୍ଷିତ ବିଜୁଳି ବ୍ୟବହାର ସହିତ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ପିଏମ୍ ସୂର୍ଯ୍ୟଘର ମାଧ୍ୟମରେ ସୋଲାର ପ୍ୟାନେଲ୍ ଲଗାଇ ବିଜୁଳି ବିଲ୍‌ରୁ ମୁକ୍ତି ପାଇଥିବା ଉପଭୋକ୍ତାଙ୍କ ଭିଡିଓ କ୍ଲିପ୍ ଦେଖାଯାଇଥିଲା। ଲାଇନ୍‌ମ୍ୟାନ୍ ସାଇ ଜଗନ୍ନାଥ ଦାସ ମହାପାତ୍ର, ଅଞ୍ଜନ କୁମାର ଗିରି, ଶାନ୍ତନୁ ବାରିକ, ପରିମଳ ମହାନ୍ତ, ଶ୍ୟାମ ନାଏକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରେଙ୍ଗାଲବେଡ଼ା ଗ୍ରାମସଭାକୁ ବିରୋଧ




ଡୁରୁମୁଙ୍ଗା, ୨୦।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନରେ ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ଶୁକ୍ରବାର ରେଙ୍ଗାଲବେଡ଼ାରେ ଅନୁଷ୍ଠିତ ଗ୍ରାମସଭାକୁ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚ ବିରୋଧ କରିଛି। ଏନେଇ ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଚେମଣା, ବାରଡ଼ାଙ୍ଗୁଆ, ବରୁଡ଼ିପଶି, ଚିଲିଦା ଯମୁନାପଶି, କୋଡ଼ଖମଣ ଆଦି ୬ଟି ଗ୍ରାମରେ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ। ମଞ୍ଚ ପକ୍ଷରୁ ୨୦୦୬ରୁ ୨୦୧୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୭ ବର୍ଷ ଧରି ଏହି ବିରୋଧ କରାଯାଉଥିବା ବେଳେ ୧୩ ବର୍ଷ ପରେ ଉକ୍ତ ସ୍ଥାନରେ ରାଜ୍ୟ ସରକାର ଷ୍ଟିଲପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଜିନ୍ଦଲ ଓ ପୋସ୍କୋ ସହିତ ବୁଝାମଣା ସ୍ୱାକ୍ଷର କରିଛନ୍ତି। ମଞ୍ଚ ପକ୍ଷରୁ ବାରମ୍ବାର ସରକାର ଓ ପ୍ରଶାସନକୁ ଜଣାଯାଇଛି ଯେ ଉର୍ବର ଚାଷ ଜମି ପରିବର୍ତ୍ତେ କେନ୍ଦୁଝର ଜିଲ୍ଲାରେ ଖଣି ସଂଲଗ୍ନ ଅଞ୍ଚଳରେ ଥିବା ସରକାରୀ ଜମିରେ କାରଖାନା ନିର୍ମାଣ କରାଯାଉ; ଯେଉଁଥିରେ ବିସ୍ଥାପିତ ସମସ୍ୟା ହେବ ନାହିଁ। ସରକାର ସେଥିପ୍ରତି ଦୃଷ୍ଟି ନଦେଇ ପୁଲିସ ଲଗାଇ ମଞ୍ଚର କର୍ମକର୍ତ୍ତାଙ୍କ ନାମରେ ମାମଲା ରୁଜୁ କରିବା, ପ୍ରସ୍ତାବିତ ପ୍ଲାଣ୍ଟର ଗ୍ରାମଗୁଡିକରେ ସାଇରନ ବଜାଇ ପୁଲିସ ଲୋକଙ୍କୁ ଭୟଭୀତ କରିବା, ଥାନାକୁ ଡାକି ଲୋକଙ୍କୁ ଧମକ ଦେବା, ଗ୍ରାମସଭାକୁ ବିରୋଧ କଲେ ଜେଲରେ ଭର୍ତ୍ତି କରିବା ଆଦି ଅଭିଯୋଗ ଆଣିବା ସହ ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରାଯାଇଛି। ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ଉର୍ବର ଚାଷ ଜମି କମ୍ପାନୀକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏଥିରୁ ସରକାର ନିବୃତ୍ତ ନହେଲେ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର, ପୁଲିସ ଓ ପ୍ରଶାସନ ଦାୟୀ ରହିବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସମ୍ପନ୍ନ

ଆନନ୍ଦପୁର,୨୦।୨(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମର ଶ୍ରୀଚୈତନ୍ୟ ମଣ୍ଡପଠାରେ ତିନି ଦିନ ବ୍ୟାପୀ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ, ହରିଦ୍ୱାର ତତ୍ତ୍ୱାବଧାନରେ ଋଷିପୁତ୍ର ମୀନକେତନ ପାତ୍ର, ଅଶୋକ ଭୋଇ ଓ ବିଜୟ ପ୍ରଧାନଙ୍କ ସଞ୍ଚାଳନରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ସଂପନ୍ନ ହୋଇଛି। ଘସିପୁରା ବ୍ଲକ ସଂଯୋଜକ ପ୍ରମୋଦ ବରାଳଙ୍କ ସଂଯୋଜନାରେ ଅଳତି, ବେଲସୁନ୍ଦରୀ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ କଳସ ଯାତ୍ରା ଦୀପଯଜ୍ଞ ଓ କୁଣ୍ଡଯଜ୍ଞରେ ଆହୁତି ପ୍ରଦାନ କରି ବିଶ୍ୱର କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। କେନ୍ଦୁଝର ନିବାସୀ ଲୋକନାଥ ଗୁଇଁମାଁଙ୍କର ସ୍ୱପ୍ନକୁ ପୂରା କରିବା ପାଇଁ ପରମ ପୂଜ୍ୟ ଗୁରୁଦେବ ଓ ପରମ ବନ୍ଦନୀୟ ମାତାଜୀଙ୍କ ସତସଂକଳ୍ପରେ ଅନୁପ୍ରାଣିତ ହୋଇ ତାଙ୍କର ଅଳତି ଗ୍ରାମରେ ଥିବା ଘରଡିହ ୫ ଡିସିମିଲ ଜମିକୁ ଏକ ପ୍ରଜ୍ଞା ପୀଠ ନିମନ୍ତେ ଗାୟତ୍ରୀ ପରିବାର ଅଳତିକୁ ଦାନ ସୂତ୍ରରେ ଦେବା ପାଇଁ ସର୍ବସମ୍ମୁଖରେ ଘୋଷଣା କରିଥିଲେ। ଉକ୍ତ ଯଜ୍ଞରେ କାର୍ତ୍ତିକ



ପ୍ରସାଦ ଶତପଥୀ, ଡ଼ଃ ରତିକାନ୍ତ ବରାଳ, ବିଷ୍ଣୁନାରାୟଣ ସାମଲ, ବ୍ରଜକିଶୋର ସାହୁ, ସୁଶାନ୍ତ ସାହୁ, ଦିଲ୍ଲୀପ ସାହୁ, ଜଗବନ୍ଧୁ ମହାରଣା, ନରହରି ନାୟକ, ପ୍ରଭାସ ମଞ୍ଜରୀ ବରାଳ, ବାସନ୍ତୀ ଓଝା, ଜାନକୀ ବରାଳ, ଯାଜ୍ଞସେନୀ ବରାଳ ଓ ସମସ୍ତ ଗାୟତ୍ରୀ ପରିଜନ ସହଯୋଗ କରିଥିଲେ।

**ଜାତୀୟସ୍ତରୀୟ ଗୋଶାଳା କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଏଞ୍ଜେଲ ରଣା, ଦାନୀ ଏକାଦଶ ବିଜୟୀ



ବାରିପଦା, ୨୦।୨(ସମିସ): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିଅନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାତୀୟସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସର ପ୍ରଥମ ମ୍ୟାଚରେ ଏଞ୍ଜେଲ ରଣା ୩୦ ରନରେ ମହାକାଳ ଦଳକୁ ପରାସ୍ତ କରିଥିଲା। ଏଞ୍ଜେଲ ରଣା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରିଥିବାବେଳେ ମହାକାଳ ଦଳ ୧୨ ଓଭରରେ ୯ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଏଞ୍ଜେଲ ରଣା ଦଳର ରଶ୍ମିରଂଜନ ରାଜ ସର୍ବାଧିକ ୬୦ ରନ ଓ ସୁରେଶ ୩ଟି ଉଇକେଟ ଅକ୍ତିଆର କରିଥିବାବେଳେ ମହାକାଳ ଦଳର ସାଇ ପ୍ରକାଶ ପାତ୍ର ସର୍ବାଧିକ ୩୩ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଦାନୀ ଏକାଦଶ ୧୫୦ ରନରେ ପରୀ ଚ୍ୟାଲେଞ୍ଜାର ଦଳକୁ ପରାସ୍ତ କରିଥିଲା। ଉକ୍ତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦାନୀ ଏକାଦଶ ୧୨ ଓଭରରେ ୭ ୱିକେଟ ହରାଇ ୨୧୩ ରନ ସଂଗ୍ରହ କରିଥିବାବେଳେ ପରୀ ଚ୍ୟାଲେଞ୍ଜାର ୧୧.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୬୩ ରନ ସଂଗ୍ରହ କରିପାରିଥିଲା। ଦାନୀ ଦଳର ରିତୁନ ମହାନ୍ତି ସର୍ବାଧିକ ୧୦୧ ରନ ଓ ସତ୍ୟନାରାୟଣ ମଲିକ ୫୪ ରନ ସଂଗ୍ରହ କରିଥିଲେ। ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବାବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବ ଦିନର ତୃତୀୟ ମ୍ୟାଚରେ ଭାମ୍ପାୟାର ମାରୁତି ସ୍ପୋର୍ଟ୍ସ ୨ ରନରେ ଜଗନ୍ନାଥ ୱାରିୟରକୁ ଓ ଚତୁର୍ଥ ମ୍ୟାଚରେ ମୟୂରଭଞ୍ଜ ରୟାଲ୍ସ ୮ ରନରେ ପରୀ ଚ୍ୟାଲେଞ୍ଜାରକୁ ପରାସ୍ତ କରିଥିଲା। ଅତିଥି ଭାବେ ବିଶିଷ୍ଟ ଉଦ୍ୟୋଗପତି ହୃଷିକେଶ ମହାପାତ୍ର ଓ ଯୋଗେଶ୍ୱର ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ରମାକାନ୍ତ ଦାସ, ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ, ସାଂଗଠନିକ ସମ୍ପାଦକ ସରୋଜ ଶତପଥୀ ଉପସ୍ଥିତ ଥିଲେ।

**ରଙ୍ଗ ବଦଳୁଛି, ମରାମତି ନାହିଁ**

# ଠେଲିଲେ ଷ୍ଟାର୍ଟ ହେଉଛି ୧୦୮ ଆମ୍ବୁଲାନ୍ସ




ବାରିପଦା/କୁଳିଅଣା,୨୦।୨(ସମିସ): ଠେଲିଲେ ଷ୍ଟାର୍ଟ ହେଉଛି ୧୦୮ ଆମ୍ବୁଲାନ୍ସ। ଲୋକଙ୍କ ଜୀବନ ଏଠି ବାଜିରେ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ୍ ଅଞ୍ଚଳରେ। ଜରୁରିକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ସେବାର ବିକଳ ଚିତ୍ର ନୂତନ ସରକାରଙ୍କ ରଙ୍ଗ ବଦଳାଇବା କାମକୁ ଉପହାସ କରୁଛି। ଯେତିକି ଟଙ୍କା ରଙ୍ଗ ବଦଳାଇବାରେ ଖର୍ଚ୍ଚ ହେଲା, ସେତିକିରେ ଆମ୍ବୁଲାନ୍ସ ମରାମତି କରିଥିଲେ ରୋଗୀ ଉପକୃତ ହୋଇଥାନ୍ତେ ବୋଲି ସଭିଏଁ କହୁଛନ୍ତି। ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସରେ ବସାଇବା ପରେ ଷ୍ଟାଟ ହେଉନି।

ଶୁକ୍ରବାର କୁଚେଇ-ଚାନ୍ଦୁଆ ରାସ୍ତାର ରଙ୍ଗିବେଡା ଗ୍ରାମ ନିକଟରେ ଏଭଳି ଦୃଶ୍ୟ ଏବେ ସୋସିଆଲ ମିଡିଆରେ ପ୍ରଘଟ ହେଉଛି। କେଉଁଟୁଣୀମାରୀ ଗ୍ରାମର ଉପେନ୍ଦ୍ର ମହାନ୍ତ (୬୫) ନିଜ ସାଇକଲରେ ଯାଉଥିବାବେଳେ ତାଙ୍କୁ ଏକ ଗାଡି ଧକ୍କା ଦେବାରୁ ତଳେ ପଡିଯିବା ଫଳରେ ମୁଣ୍ଡରେ ଆଘାତ ହୋଇଥିଲା। ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାରୁ ଘଟଣାସ୍ଥଳରେ ପହଞ୍ଚିଥିଲା। ପରନ୍ତୁ ରୋଗୀଙ୍କୁ ଗାଡିରେ ବସାଇବା ପରେ ଆଉ ଷ୍ଟାର୍ଟ୍ ହୋଇନଥିଲା। ଡ୍ରାଇଭରଙ୍କୁ ଗାଡି କାହିଁକି ଚଳାଉନାହଁ ବୋଲି ପଚାରିବାରୁ ଷ୍ଟାର୍ଟ୍ ହେଉନି ବୋଲି କହିଥିଲେ। ସଙ୍ଗେ ସଙ୍ଗେ ରୋଗୀଙ୍କ ଆତ୍ମୀୟ ଓ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଠେଲି ଷ୍ଟାର୍ଟ କରିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ଯେ ନବୀନ ପଟ୍ଟନାୟକ ସମୟରେ ପ୍ରଣୟନ ଯୋଜନା ମାଧ୍ୟମରେ ଓଡିଶାବାସୀଙ୍କୁ ନିଶୁଳ୍କ ତଥା ତତ୍କାଳ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ୧୦୮ ଆମ୍ବୁଲାନ୍ସ ପ୍ରଚଳନ ହୋଇଥିଲା। ପରନ୍ତୁ ସରକାର ବଦଳିବା ପରେ ସେହି ଆମ୍ବୁଲାନ୍ସଗୁଡିକ ରକ୍ଷଣାବେକ୍ଷଣ ଠିକ୍ ସେ କରାଯାଉନି। ପରନ୍ତୁ ରଙ୍ଗ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଫଟୋ ଲଗାଇବାରେ ନୂଆ ସରକାର ଅଧିକ ଯତ୍ନବାନ ହୋଇଛନ୍ତି। ଜରୁରୀ ସେବା ଯୋଗାଉଥିବା ଆମ୍ବୁଲାନ୍ସ ଗୁଡିକର ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ମରାମତିକୁ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

**ଲୋକଙ୍କ ଜୀବନ ଏଠି ବାଜିରେ**

# ଯାତାୟାତ ବେଳେ ବସ୍‌ରେ ହଇରାଣ ହେଉଛନ୍ତି ଦିବ୍ୟାଙ୍ଗ

ବାଲେଶ୍ୱର,୨୦।୨(ସମିସ)



ଯାତାୟାତ ବେଳେ ବସ୍‌ରେ ହଇରାଣ ହେଉଛନ୍ତି ଦିବ୍ୟାଙ୍ଗ। ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ନାହିଁ କି ବସିବାକୁ ସିଟ୍‌ଟେ ମିଳୁନି। ଏନେଇ ଅନେକ ଅଭିଯୋଗ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଆସିଥିବା ମଧ୍ୟ ସୂଚନା ମିଳିଛି। ତେବେ ନିକଟରେ ଉଦଳାରୁ ବାଲେଶ୍ୱରକୁ ଯାତାୟାତ ସମୟରେ ବସ୍‌ରେ ହଇରାଣ ହୋଇଥିବା ଦିବ୍ୟାଙ୍ଗ କୃଷ୍ଣଚନ୍ଦ୍ର ପଣ୍ଡା ଆଜି ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତଙ୍କୁ ଭେଟି ସମସ୍ୟା ବାବଦରେ ଜଣାଇଛନ୍ତି। ଦିବ୍ୟାଙ୍ଗଙ୍କୁ ବସ୍‌ରେ ବସିବା ପାଇଁ ସିଟ୍ ଟେ ବି ମିଳୁନି। ଏଭଳି ଘଟଣାରେ ଅଭିଯୋଗ ଦେଲେ କାର୍ଯ୍ୟାନୁଷ୍ଠାନ ସହ ଏବଂ ଜରିମାନା ଆଦାୟ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ମଧ୍ୟ ଦେଇଛନ୍ତି।

ପ୍ରକାଶ ଥାଉ କି, କୃଷ୍ଣ ଚନ୍ଦ୍ର ପଣ୍ଡା(୬୫)ଙ୍କ ଦୁଇ ହାତ ନାହିଁ। କହୁଣୀ ପାଖରୁ ହାତ ନାହିଁ। ଫଳରେ ତାଙ୍କ ପାଇଁ ଯାତାୟାତ ତଥା ଅନ୍ୟ କାମ ପାଇଁ ଅନେକ ସମସ୍ୟା ହୋଇଥାଏ। ଆଗରୁ ବାଲେଶ୍ୱରର ବାଲିଆ ନମ୍ବର-୩ ଇଲେକ୍ଟ୍ରିକ ବିଭାଗରେ କାମ କରୁଥିଲେ। ୨୦୧୦ ମସିହା ମାର୍ଚ୍ଚ ମାସରେ ଏକ ଦୁର୍ଘଟଣା ଯୋଗୁଁ ତାଙ୍କର ଦୁଇ ହାତ ଜଳିଯାଇଛି। ଫଳରେ ତାଙ୍କର ହାତ ଦୁଇଟି ନାହିଁ। ଯେଉଁଥିପାଇଁ ସେ ବିଭିନ୍ନ ସମୟରେ ହଇରାଣ ହେଉଛନ୍ତି।

କୃଷ୍ଣଚନ୍ଦ୍ର ପଣ୍ଡାଙ୍କ କହିବା ଅନୁସାରେ, ବାଲେଶ୍ୱର ସହରକୁ ଡାକ୍ତର ଦେଖାଇବା ପାଇଁ ମୁଁ ଉଦଳା ବସଷ୍ଟାଣ୍ଡରେ ବସ୍ ରେ ଚଢ଼ିଥିଲି। ସବୁ ଲୋକ ବସିଯାଇଥିଲେ। ହେଲପରଙ୍କ କହିବାନୁସାରେ ମୁଁ ପ୍ରଥମେ ଗାଡ଼ି ଚାଳକ ପାଖରେ ଥିବା ସିଟ୍ ପାଖରେ ବସିବାକୁ କହିଥିଲେ। ମାତ୍ର ବସ୍ ଚାଲିବା ପରେ କଣ୍ଡକ୍ଟର ମୋତେ ସେଠାରୁ ଉଠାଇ ଗାଡ଼ି ଇଞ୍ଜିନ କଡ଼ରେ ଥିବା ପାଣି ଡ୍ରମ୍ ଉପରେ ମୋତେ ବସାଇଦେଲେ। ମୁଁ ଯେତେ କହିଲେ ମଧ୍ୟ ମୋ କଥା ଶୁଣିଲେ ନାହିଁ। ଆମ ବସ୍‌ରେ ଦିବ୍ୟାଙ୍ଗ ପାଇଁ କିଛି ସୁବିଧା ନାହିଁ ବୋଲି ମୋତେ କହିଲେ। ମୁଁ ବାଲେଶ୍ୱରରେ ପହଞ୍ଚିଲା ବେଳକୁ ମୋ ପଛ ପାଖ ପୁରା ଓଦା ହୋଇଯାଇଥିଲା। ଅନେକ ସମୟରେ ମୁଁ ଯାତାୟାତ ସମୟରେ ଅସୁବିଧା ଭୋଗୁଛି। ଏବାବଦରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ମେଲ୍ କରି ମଧ୍ୟ ଏହି ସମସ୍ୟା ବାବଦରେ ଜଣାଇଛି। ଏହାପରେ ମୋତେ କାର୍ଯ୍ୟାଳୟ ପକ୍ଷରୁ ମୋତେ ଫଟୋ, ଆଧାର କାର୍ଡ, ଦିବ୍ୟାଙ୍ଗ ସାର୍ଟିଫିକେଟ, ବସ୍ ପାସ୍ ସାର୍ଟିଫିକେଟ ଆଦି ମଗାଇଥିଲେ। ସେଥିପାଇଁ ଆଜି ମୁଁ ଅଧିକାରୀଙ୍କୁ ଭେଟିବାକୁ ଆସିଥିଲି। ମୁଁ କରିଥିବା ମେଲ୍ ପଇଛନ୍ତି କି ନାହିଁ ଭେଟିବାକୁ ଆସିଥିଲି। କାରଣ ଆମକୁ ସାର୍ଟିଫିକେଟ ମିଳିଛି ହେଲେ ଆମକୁ ବସ୍‌ରେ ବସିବାକୁ ସୁବିଧାଟେ ମିଳୁନି। ଅଧିକାଂଶ ସମୟରେ ହଇରାଣ ହେଉଛି। ଏବାବଦରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତଙ୍କୁ ପଚାରିବାରୁ କହିଥିଲେ, ଏମିତି ଅଭିଯୋଗ ଆଗରୁ ମଧ୍ୟ ଆସିଛି। ସେଇଟା ଜରିମାନା ଆଦାୟ କରାଯାଇଛି। ହେଲେ ଏହା ପୂର୍ବରୁ ନୀଳଗିରିରୁ ଆଉ ଜଣେ ବି ଅଭିଯୋଗ କରିଥିଲେ। ହେଲେ ସେ ବସ୍ ନାମ କି ନମ୍ବର କିଛି କହିପାରିଲେ ନାହିଁ। ଏସବୁ ତଥ୍ୟ ନଦେଲେ ଆମେ କାର୍ଯ୍ୟାନୁଷ୍ଠାନ ନେବାରେ ଅସୁବିଧା ହେବ। ତେବେ ଆଜି ଆସିଥିବା ଦିବ୍ୟାଙ୍ଗ ବ୍ୟକ୍ତି ଜଣକ ବସ୍ ରେ ହଇରାଣ ହୋଇଥିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି। ଆମେ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ କରିବୁ। କାରଣ ବସ୍‌ରେ ଦିବ୍ୟାଙ୍ଗଙ୍କୁ ସିଟ୍ ଦେବା ବ୍ୟବସ୍ଥା ରହିଛି।

**● ମିଳୁନି ସୁବିଧା, ବସିବାକୁ ସିଟ୍‌ଟେ ଦେଉନାହାନ୍ତି**

**● ଅଭିଯୋଗ ଦେଲେ କାର୍ଯ୍ୟାନୁଷ୍ଠାନ ଓ ଜରିମାନା: ଆର୍‌ଟିଓ**

● ପ୍ରଶାସନକୁ ନାହିଁ ଡର

# ଶତାଧିକ ଗଛ କାଟିଦେଲେ ଦୁର୍ବୃତ୍ତ



ରାଜଘାଟ, ୨୦।୨(ସମିସ): ସରକାର ବୃକ୍ଷ ରୋପଣ ପାଇଁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ବେଳେ ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଚୁରପଦା ମୌଜାରେ ଦୁଇଶହରୁ ଅଧିକ ଗଛ କାଟିଦେଇଛନ୍ତି। ଗୁଡିଖାଳ ଦରଡା ମୁଖ୍ୟରାସ୍ତାର ଦୁଇପାର୍ଶ୍ୱରୁ ଦୁର୍ବୃତ୍ତମାନେ ବବୁର, ଅଶ୍ୱତଥ, ଖଜୁରୀ ସହିତ ବହୁ ମୂଲ୍ୟବାନ ଗଛ କାଟି ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ତା ସହିତ ବହୁ ମୂଲ୍ୟବାନ ଗଛରେ ନିଆଁ ଲଗାଇଦେଇଥିବା ଦେଖିବାକୁ ମିଳିଛି। ବିଭଗୀୟ ଅଧିକାରୀ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯାନୁଷ୍ଠାନ ନେବାପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ପଚାରିବାରୁ ଗଛ ଗୁଡିକ କଟାଯାଇଥିବା ସ୍ଥାନଟି ରାଜସ୍ୱ ବିଭାଗ ଅଧୀନରେ ଥିବାରୁ ରାଜସ୍ୱ ବିଭାଗ ଉକ୍ତ ଗଛଗୁଡିକୁ ଜବତ କରି ଆମକୁ ହସ୍ତାନ୍ତର କଲେ କାର୍ଯାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସେହିପରି ତହସିଲଦାର ସୁଶାନ୍ତ ପଟ୍ଟନାୟକ କହିଛନ୍ତି, ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି, ରିପୋର୍ଟ ଆସିଲେ କାର୍ଯନୁଷ୍ଠାନ ନିଆଯିବ।

# ଚୋରକୁ କାବୁକରି ପୁଲିସ ଜିମା ଦେଲେ

ରାଜଘାଟ, ୨୦।୨(ସମିସ): ବସ୍ତା ଥାନା ବାଇତପଡା ଗ୍ରାମର ଭାସ୍କରଚନ୍ଦ୍ର ଦାସ ପତ୍ନୀଙ୍କ ସହ ଏକାକୀ ଘରେ ଥିବାର ସୁଯୋଗ ନେଇ ଘରକୁ ୩ ଜଣ ଯୁବକ ଏକ ବାଇକ୍ ଯୋଗେ ଚୁଟି ନେବାପାଇଁ ଆସିଥିଲେ। ଶ୍ରୀ ଦାସଙ୍କ ଧର୍ମପତ୍ନୀ ଘର ଭିତରକୁ ଚୁଟି ଆଣିବା ପାଇଁ ଯାଇଥିବା ବେଳେ ଏହି ଯୁବକମାନେ ଘର ଭିତରେ ପଶି ଧାନ ବସ୍ତା ନେଇ ପଳାଉଥିଲେ। ଏହି ସମୟରେ ପରିବାର ଲୋକଙ୍କ ପାଟି ଶୁଣି ଗ୍ରାମବାସୀ ପହଞ୍ଚି ଜଣକୁ କାବୁ କରିଥିବା ବେଳେ



ଅନ୍ୟ ଦୁଇ ଜଣ ସେଠାରୁ ଚମ୍ପଟ ମାରିଛନ୍ତି। ଘଟଣା ସ୍ଥଳରେ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ପହଞ୍ଚି ଉକ୍ତ ଯୁବକକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛନ୍ତି। ଅଟକ ଯୁବକ ଜଣକ ସିଂଲା ଥାନା କାଦରାୟାଁ ଅଞ୍ଚଳର ସେଖ୍ ଧନି ବୋଲି ଜଣାପଡିଛି।

# ସିମୁଳିଆ ପୁଲିସକୁ ସଫଳତା

ସିମୁଳିଆ, ୨୦।୨(ସମିସ): ପରକୀୟା ପ୍ରୀତି ସନ୍ଦେହରେ ହୋଟେଲ ମାଲିକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି। ହତ୍ୟାକାରୀକୁ ଗିରଫ କରାଯିବା ସହ ହତ୍ୟାରେ ବ୍ୟବହୃତ ହୋଇଥିବା ଟାଙ୍ଗିଆ ଜବତ କରି ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଛଚିନ୍ଦା ଗ୍ରାମର ଗଜେନ୍ଦ୍ର ପଣ୍ଡା ଜାମୁଝାଡ଼ି ଛକ ନିକଟରେ ଜୟମା' ଦୁର୍ଗା ନାମକ ଏକ ହୋଟେଲ କରିଥିଲେ। ଗତ ୧୬ ତାରିଖରେ ବିଳମ୍ବିତ ରାତିରେ ହୋଟେଲ ଭିତରେ ମାଲିକ ଗଜେନ୍ଦ୍ର ପଣ୍ଡାଙ୍କୁ ହତ୍ୟା କରାଯାଇଥିବା ନେଇ ଦେଖିବାକୁ ମିଳିଥିଲା। ଏହି ଘଟଣା ଜିଲ୍ଲା ସାରା ବ୍ୟାପି ଯାଇଥିବା ବେଳେ ହତ୍ୟାକାରୀକୁ ଧରିବାକୁ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ବାଲେଶ୍ୱର ସଦର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ସିମୁଳିଆ ଆଇଆଇସି ଦେବରାଜ ଜେନା ସହଯୋଗରେ ଏକ ଟିମ ଗଠନ କରି ଗଜେନ୍ଦ୍ରଙ୍କ ଟଙ୍କା କାରବାର ସହିତ ହୋଟେଲ କର୍ମଚାରୀଙ୍କୁ ପଚାରଉଚରା ପରେ ପୁଲିସ ଅଭିଯୁକ୍ତକୁ ଧରିବାକୁ ସକ୍ଷମ ହୋଇଥିଲା। ବାସୁଦେବପୁର ଅଞ୍ଚଳରେ ଜଣେ ମହିଳାଙ୍କ ସହିତ ଗଜେନ୍ଦ୍ରଙ୍କ



ଅନୈତିକ ସମ୍ପର୍କ ଥିବା ନେଇ ମହିଳାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ବେହେରା ସନ୍ଦେହ କରି ଗଜେନ୍ଦ୍ରକୁ ହତ୍ୟା କରିଥିବା ନେଇ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ମାନିଥିବା ବେଳେ ଆଜି ସିମୁଳିଆ ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀ କରି ସଦର ଏସ୍‌ଡ଼ିପିଓ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଘର ବାସୁଦେବପୁର ଥାନା ଅନ୍ତର୍ଗତ ଗୁଆଗଡିଆ ଗ୍ରାମରେ ହୋଇଥିବା ବେଳେ ପୁଲିସ ତାଙ୍କୁ ଗିରଫ କରି ଆଜି ହତ୍ୟା ସ୍ଥାନକୁ ଅଭିଯୁକ୍ତକୁ ନେଇ ସିନ ରିକ୍ରଏସନ କରିଥିବା ବେଳେ ଗଜେନ୍ଦ୍ରଙ୍କ ସ୍କୁଟିକୁ ପୋଡ଼ିଯାଇଥିବା ଅବସ୍ଥାରେ ଜବତ କରିଛି।

# ୨୮ ନମ୍ବର ଜୋନ୍‌ରେ ଅମିତ ପତି ନୂତନ କଂଗ୍ରେସ ସଭାପତି

ବାଲେଶ୍ୱର,୨୦।୨(ସମିସ): କଂଗ୍ରେସ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟଶିବ ଦାସ ଓ ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରାଙ୍କ ଦ୍ୱାରା ସଦର ବ୍ଲକର ୨୮ ନମ୍ବର ଜୋନରେ ଅମିତ କୁମାର ପତି (ପପୁ ନନା)ଙ୍କୁ ସଭାପତି ରୂପେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଉପସଭାପତି ସରୋଜ ଲେଙ୍କାଙ୍କ ସହ ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତାଙ୍କ ଉପସ୍ଥିତିରେ ଶ୍ରୀ ପତିଙ୍କୁ ନୂତନ ଦାୟିତ୍ୱ ଦିଆଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ପତିଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦଳ ପାଇଁ ନିଜର ନିଷ୍ଠା



ଓ ସମର୍ପଣ ମନୋଭାବରେ ଲୋକଙ୍କ ପାଖରେ ପହଞ୍ଚିବା ଏବଂ ସେମାନଙ୍କର ସମସ୍ୟାର ସମାଧାନ କରିବା ସହ ଦଳର ସ୍ୱାଭିମାନକୁ ଅକ୍ଷୁଣ୍ଣ ରଖିବା ପାଇଁ ଶତ ପ୍ରତିଶତ ଚେଷ୍ଟିତ ହେବେ ବୋଲି ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୨୦।୨(ସମିସ): ବାଲେଶ୍ୱର ସଦର ବିଧାନସଭା କ୍ଷେତ୍ର ପାଇଁ ପିସିସି ସଭାପତି ମନୋନୀତ କରିଥିବା ନୂତନ କର୍ମକର୍ତ୍ତାଙ୍କୁ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଯୁବ କଂଗ୍ରେସ ଜିଲ୍ଲା ସଭାପତି ଇଂ ରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସତ୍ୟ ଶିବ ଦାସ ନବାଗତଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଥମେ ପଞ୍ଚାୟତ ଓ ଜୋନସ୍ତରୀୟ କମିଟି ଗଠନ ଓ ବୁଥସ୍ତରୀୟ କମିଟି ଗଠନ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଉପସଭାପତି ସରୋଜ ଲେଙ୍କା ଦଳର କର୍ମକର୍ତ୍ତାମାନେ ଜନସମ୍ପର୍କ ବୃଦ୍ଧି କରିବା ପରେ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରାଯିବ ବୋଲି ସୂଚନା ଦେଇଥିଲେ। ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବନେତା ତଥା ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା ଓ ଜୋସ୍ନା ସେନାପତି ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି ଅବସରରେ ଉପସଭାପତି ଶ୍ରୀ ଲେଙ୍କା, ଗୋପୀନାଥ ପାଢ଼ୀ, ପ୍ରଭାସ ପଣ୍ଡା କମୃଲ ଆଲି ଖାଁ ସାଧାରଣ ସମ୍ପାଦକ ଗୁରୁପ୍ରସନ୍ନ ମିଶ୍ର, କେଶବ ନାୟକ, ଟାଉନ ସଭାପତି ଅନୁପ ସ୍ୱାଇଁ, ସମ୍ପାଦକ ଜ୍ଞାନେନ୍ଦ୍ର ମହାନ୍ତି ଶ୍ରୀକାନ୍ତ ବୁଗୁଡ଼ାଇ ସାହେବା ଆଖ ତାର, ମୋନରଞ୍ଜନ ନାୟକ ସମ୍ପାଦକ କେଶବ ଚନ୍ଦ୍ର ନାୟକ ଗୁରୁ ପ୍ରସନ୍ନ ମିଶ୍ର, ସହ ସମ୍ପାଦକ ସାହିବା ଅଖତାର, ମନୋରଞ୍ଜନ ନାୟକ, ଜ୍ଞାନେନ୍ଦ୍ର ମହାନ୍ତି, ସେକ ନିଜାମୁଦ୍ଦିନ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶେଷ କରି ସଦର ବ୍ଲକ ସଭାପତି ରୂପେ ଜୟକୃଷ୍ଣ ବେହେରା ଏବଂ ଟାଉନ ସଭାପତି ରୂପେ ଅନୁପ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ୨୫ ନମ୍ବର ଜୋନ ସଭାପତି ପାଇଁ ଅନନ୍ତ ମହାପାତ୍ର ୨୮ ନମ୍ବର ଜୋନ ପାଇଁ ଅମିତ ପତି ଏବଂ ୨୯ ଜୋନ ପାଇଁ କମଳାକାନ୍ତ ମଲ୍ଲିକଙ୍କ ନାମ ପ୍ରସ୍ତାବ ଦେଇଥିଲେ।

# ଉପଭୋକ୍ତା ସଚେତନତା କର୍ମଶାଳା

ବାଲେଶ୍ୱର,୨୦।୨(ସମିସ): ପୁରୁଣା ବାଲେଶ୍ୱରସ୍ଥିତ ପ୍ରଭୁଶ୍ରୀ ବାଣେଶ୍ୱର ମନ୍ଦିର ବାସନ୍ତୀ ମଣ୍ଡପ ପ୍ରାଙ୍ଗଣରେ ୟୁଥ୍ ଫର୍ ଡେଭଲପମେଣ୍ଟ ଏବଂ ଆଇନଗତ ମାପ ବିଜ୍ଞାନର ଯୁଗ୍ମ ନିୟନ୍ତ୍ରକ ଓଡ଼ିଶା ସରକାର ମିଳିତ ସହଯୋଗରେ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଲୋକମାନଙ୍କ ନିତିଦିନିଆ ଉପଯୋଗୀ ଜିନିଷର କିଣିବାରେ ଉଚିତ ମାନ ନିର୍ଦ୍ଧାରଣ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ୟୁଥ୍ ଫର୍ ଡେଭଲପମେଣ୍ଟ ସଭାପତି ବିକ୍ରମ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଜନ ଓ ମାପ ବିଭାଗର ସହକାରୀ ନିୟନ୍ତ୍ରକ ସମ୍ବିତ



କୁମାର ଦାଶ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଏନଫୋର୍ସମେଣ୍ଟ ଅଧିକାରୀ ଶୁଭେନ୍ଦୁ ସେଦ୍ଧେଶ୍ୱର ଲେଙ୍କା, ସ୍ଥାନୀୟ କାଉନସିଲର ସସ୍ମିତା ନାଥ, ସମ୍ପାଦକ ଯାଦବେଶ ମିଶ୍ର, ରାକେଶ ବେହେରା, କାର୍ତ୍ତିକ ଚନ୍ଦ୍ର ଦାସ, ଭରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଉପଭୋକ୍ତା ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି କର୍ମଶାଳାରେ ସ୍ଥାନୀୟ ମହିଳା, ବିଭିନ୍ନ ସଂଗଠନ କର୍ମକର୍ତ୍ତା, ସ୍ଥାନୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସମ୍ପାଦକ ରାମଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ବରେନ୍ଦ୍ର ପଢ଼ିଆରୀଙ୍କ ସ୍ମୃତିସଭା




କାଳିପଦା, ୨୦।୨(ସମିସ): ବାଲିଆପାଳ ବ୍ଲକ ଟିକରପଡା ଗ୍ରାମର କୃତୀ ଶିକ୍ଷକ ଓ ସମାଜସେବୀ ବରେନ୍ଦ୍ର ପଢ଼ିଆରୀଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ମୃତିଚାରଣ ସଭାରେ ସଭାପତିତ୍ୱ କରିଥିଲେ ପଣ୍ଡିତ ଅନାଦି ଚରଣ ପଣ୍ଡା। ଏଥିରେ ନରସିଂହ ବିଶ୍ୱାଳ, ଅଜୟ କୁମାର ଦାସ, ମାୟାଧର ପରିଡା, ବେଣୁଧର ଗିରି, ଶ୍ରୀପତି ସାହୁ,ଅଞ୍ଜନ ରାଜ, ବିଶ୍ୱମ୍ବର ଜେନା, ଅର୍ଜୁନ ମହାନ୍ତି,ରବୀନ୍ଦ୍ର ପାଣିଗ୍ରାହୀ, ଗୋପୀନାଥ ବେହେରା, ନଳିନୀ କାନ୍ତ ପାଢ଼ୀ, ପ୍ରିୟବ୍ରତ ପଣ୍ଡା, ଶାନ୍ତନୁ ମହାପାତ୍ର, ରବିନାରାୟଣ ପଣ୍ଡା, ରଞ୍ଜନ ପଣ୍ଡା, ଦିବାକର ସାମନ୍ତରାୟ, ଚକ୍ରଧର ଗିରି, ଶଶୀଧର ପରିଡା ପ୍ରମୁଖ ତାଙ୍କର ସୁଗୁଣ, କର୍ମମୁଖର ଜୀବନର ସତକର୍ମ ଓ ଶିକ୍ଷକ ହିସାବରେ ତାଙ୍କର ଅବଦାନ ବିଷୟରେ କହିଥିଲେ। ତାଙ୍କର ସାମାଜିକ ଓ ଶୈକ୍ଷିକ ଅବଦାନକୁ ଏ ଜାତି କେବେ ଭୁଲି ପାରିବ ନାହିଁ। ପରିବାର ବର୍ଗ ଓ ବନ୍ଧୁ ପରିଜନ ଯଥା ମହେନ୍ଦ୍ର ପଢିଆରି, ଅମରେନ୍ଦ୍ର ପଢିଆରି, ସୁକାନ୍ତି ପରିଡା, ସୁନନ୍ଦା ଗୋଛାୟତ, ବୃଷକେତୁ ଗୋଛାୟତ, ମହିମା ମୟୀ ଗୋଛାୟତ, ଅନସୂୟା ପଢ଼ିଆରୀ, ଦୁର୍ଗାମଣୀ ପଢ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୫ରେ ସମ୍ଭାବନା ଟ୍ରଷ୍ଟର ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର

ଖଇରା,୨୦।୨(ସମିସ): ଆସନ୍ତା ୨୫ତାରିଖରେ ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବାଲେଶ୍ୱର ଜିଲା ଖଇରା ବ୍ଲକର ବ୍ରାହ୍ମଣପୋଖରୀ ଠାରେ (ଏସଆର ଗ୍ରୁପ କ୍ୟାମ୍ପସ ପାଖ) ଅନୁଷ୍ଠିତ ହେବାକୁ ଥିବା ଏହି ଶବିରରେ ସବୁ ପ୍ରକାରର ରକ୍ତ ପରୀକ୍ଷା କରାଯିବା ସହ ଭେଷଜ ଓ ଚର୍ମରୋଗ ବିଶେଷଜ୍ଞମାନେ ଉପସ୍ଥିତ ରହି ରୋଗୀ ମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ। ଏହି ପରିପ୍ରେକ୍ଷୀରେ ପ୍ରସ୍ତୁତି ବୈଠକ ଏସଆର ଗ୍ରୁପର ନିର୍ଦ୍ଦେଶକ ଇଂ ରାଜେଶ କୁମାର ମହାକୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟି ଅନୁସରଣ ମହାକୁଡ, ସଦସ୍ୟ ମହେଶ୍ୱର ନାଥ, ପର୍ଶୁରାମ ମହାକୁଡ, ଦିନେଶ ଜେନା, ଉମେଶ ଜେନା, ଉମେଶ ଗାହାଣ, ଦିପ୍ତିକାନ୍ତ ବେହେରା, ବ୍ୟକ୍ତହରି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୁରୁଷ ରକ୍ତଦାତାଙ୍କୁ ଟିସାର୍ଟ ଓ ମହିଳା ରକ୍ତଦାତାଙ୍କୁ ସାଲ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ଟ୍ରଷ୍ଟ ସଦସ୍ୟ ମହେଶ୍ୱର ନାଥ ପ୍ରକାଶ କରିଛନ୍ତି।

# ରୋଗୀ ମୃତ୍ୟୁକୁ ନେଇ ହସପିଟାଲରେ ଉତ୍ତେଜନା

ଜଳେଶ୍ୱର, ୨୦।୨ (ସମିସ): ରୋଗୀର ମୃତ୍ୟୁକୁ ନେଇ ଜଳେଶ୍ୱର ଜି.କେ.ଭଟ୍ଟର ହସପିଟାଲରେ ଉତ୍ତେଜନା ପ୍ରକାଶ ପାଇଛି। ଜଳେଶ୍ୱର ବ୍ଲକ ସମ୍ପତିଆ ପଞ୍ଚାୟତ ସରକାତିଆ ଗ୍ରାମର କାହ୍ନୁଚରଣ ସିଂହ ନାମକ ୭୦ ବର୍ଷର ବୃଦ୍ଧଙ୍କୁ ହୃଦ୍‌ଘାତଜନିତ କଷ୍ଟ ହେଉଥିବା ବେଳେ ପରିବାର ଲୋକେ ଦିନ ୧୨ଟା ସମୟରେ ଜଳେଶ୍ୱର ଜି.କେ. ଭଟ୍ଟର ହସପିଟାଲକୁ ନେଇଆସିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଦିନ ୩ଟା ସମୟରେ ରୋଗୀର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଚିକିତ୍ସାର ଅବହେଳା ଯୋଗୁଁ ରୋଗୀର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ କରିବା ସହିତ ଏଥିପାଇଁ ଡାକ୍ତରଙ୍କୁ ଦାୟୀ କରିଥିଲେ। ଏଥିନେଇ ହସପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକଙ୍କ ସହିତ ପୁଲିସ କର୍ମଚାରୀମାନେ ହସପିଟାଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହିତ ମୃତ ପରିବାରର ଲୋକଙ୍କୁ ବୁଝାଇଥିଲେ। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ହସପିଟାଲ ପରିସରରେ ମୃତ ବ୍ୟକ୍ତିର ପରିବାର ଓ ଗ୍ରାମବାସୀ ରହିଥିବା ବେଳେ ଚାପା ଉତେଜନା ଲାଗିରହିଥିବା ଦେଖିବାକୁ ମିଳିଥିଲା।

# ଶତାୟୁ ଗଙ୍ଗାଧର ଜେନାଙ୍କ ପରଲୋକ

କାଳିପଦା, ୨୦।୨(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ାପାଳ ଗ୍ରାମର ଗଙ୍ଗାଧର ଜେନାଙ୍କ ପରଲୋକ ଘଟିଛି। ସ୍ୱର୍ଗତ ଜେନାଙ୍କୁ ମୃତ୍ୟୁବେଳକୁ ୧୧୨ ବର୍ଷ ହୋଇଥିଲା। ସ୍ୱର୍ଗତ ଜେନା ୧୯୧୪ରେ ଜନ୍ମଲାଭ କରି ସ୍ୱାଧୀନତା ସଂଗ୍ରାମୀ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେଇଥିଲେ। ସ୍ୱର୍ଗତ ଜେନା ଜଣେ ଧର୍ମପ୍ରାଣ, ମେଳାପି, ଅମାୟିକ, କର୍ତ୍ତବ୍ୟନିଷ୍ଠ ଏବଂ ବିଭିନ୍ନ ଢଗ ଢମାଳିରେ ପାରଙ୍ଗମ ବ୍ୟକ୍ତି ଥିଲେ। ସ୍ୱର୍ଗତ ଜେନାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଜେନାଙ୍କ ବିୟୋଗ ହେବା ଖବର ଶୁଣି ଅନେକ ରାଜନେତା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଜ୍ଞାନୀ ଗୁଣୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ



ଶେଷ ଦର୍ଶନ କରିବା ସହିତ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ଜେନାଙ୍କ ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ବାସନ୍ତୀ, ବଡ଼ପୁତ୍ର ପଙ୍କଜ, ସାନପୁତ୍ର ତପନ, ପୁତ୍ରବଧୂ ଟିପିରି, ସଂଧ୍ୟା, ଝିଅ ମିନାରାଣୀ, ଅଞ୍ଜଳି ଏବଂ ବଡ଼ ଜ୍ୱାଇଁ ସଞ୍ଜୀବ ଉପସ୍ଥିତ ଥିଲେ। ସ୍ୱର୍ଗତ ଜେନାଙ୍କ ଶବ ନିଜଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିବାବେଳେ ବଡ଼ପୁତ୍ର ପଙ୍କଜ ମୁଖାଗ୍ନି ଦେଇଥିଲେ।

# ଏଇ ମୋ ବୃତ୍ତି ପୋଷେ କୁଟୁମ୍ବ..

କାଳିପଦା, ୨୦।୨(ସମିସ)

ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ କିଏ ଯେ କେତେବେଳେ କଣ କରୁଛି କହିବା ମୁସ୍କିଲ। କିଏ ଭଲ ଚାକିରିଟିଏ କରି ପରିବାର ସହ ହସ ଖୁସିରେ ରହୁଥିବା ବେଳେ କିଏ ପୁଣି ପରିବାର ପରିପୋଷଣ ପାଇଁ ଲହୁଲୁହାଣ ହୋଇ ନିତି ଯୁଝୁଛି। କିଏ ଛେଳି, ମେଣ୍ଢା, କୁକୁଡ଼ା କାଟି ସେଥିରୁ ଜୀବିକା ମେଣ୍ଟାଉଛି ତ କିଏ ମାଟି, ବାଉଁଶ, ପାଣି କାଦୁଅ ରେ ଯୁଝୁଛି, କିଏ ପୁଣି ନଦୀ ସମୁଦ୍ରରେ ନିତି ମାଛ ମାରି ପରିବାର ପୋଷୁଛି। କିଏ ପୁଣି ନିତି ଫେରିକରି ଗଳି କନ୍ଦିରେ ବେପାର କରୁଛି। ଏମିତି ନିତି ଯୁଝୁଥିବା ମଣିଷ ଟିଏ ହେଉଛନ୍ତି ବାଲିଆପାଳ ଥାନା ଅନ୍ତର୍ଗତ ବଡ଼ ମଇଁଷି ଆଡି ଗ୍ରାମର ପ୍ରିୟବ୍ରତ ମହାନ୍ତି ଓରଫ ହାଉଡ଼ା। ଶ୍ରଦ୍ଧାରେ ଅନେକ ତାଙ୍କୁ କେବଳ ହାଓଡ଼ା ବୋଲି ଡାକନ୍ତି। ବାପା ଭୋଳା ନାଥ ମହାନ୍ତି, ମା ରାସମଣୀ ଦେବୀଙ୍କ ସେ ୩ୟ ପୁତ୍ର। ଅନ୍ୟ ଭାଇମାନେ ବଡ଼ ବଡ଼ ଚାକିରୀ କରିଛନ୍ତି। ସେ କିନ୍ତୁ ପାଠରେ ଡୋରି ବାନ୍ଧି ଜୀବନ ଜୀବିକା ପାଇଁ ଯୁଝି ଆସିଛି। ସ୍ତ୍ରୀ କାଞ୍ଚନ ଓ ଏକ ମାତ୍ର ଝିଅ ଦୀପାଳିକୁ ନେଇ ତାର ପରିବାର। ରାତି ପାହି ସକାଳ ହୁଏ ପୁଣି ସକାଳ ଯାଇ ସଞ୍ଜ ହୁଏ। କି ଖରା, କି ବର୍ଷା, କି ଶୀତ କାହାକୁ ବି ହାଉଡ଼ାର ଖାତିର ନ ଥାଏ। ନିଜର ପୁରୁଣା ମଟର ସାଇକେଲଟି ଧରି ଭୋରରୁ ବାହାରି ଯାଏ ପ୍ରିୟବ୍ରତ। ହିନ୍ଦୁସ୍ତାନ ପେଟ୍ରୋଲ ଗୋଦାମ କେବେ ପାରୁଳିଆ ଛକ ମୁଖ୍ୟ ଅଫିସକୁ କେବେ ନାଚିଣ୍ଡିଆ ଏଚ ପି ଗ୍ୟାସ ମୁଖ୍ୟ ଗୋଦାମକୁ। ଆଉ ଯେ ଯାହା ହିସାବ ମୁତାବକ ଗ୍ୟାସ ଟାଙ୍କି ମୋଟର ସାଇକେଲରେ ଲୋର୍ଡ କରି ଫେରିକରି ଟାଙ୍କି ବଣ୍ଟନ କରନ୍ତି। କେତେବେଳେ ସେ କାହାର ରୋଷର ଶିକାର ବି ହୁଏ। ଜୀବନକୁ ବାଜି ଲଗାଇ ସେ ଏହି କାର୍ଯ୍ୟ ପେଟ ପେଟଣା ପାଇଁ କରୁଛି ବୋଲି ପ୍ରିୟବ୍ରତ କହିଛି। ଯେ କୌଣସି ସମୟରେ ଦୁର୍ଘଟଣା ମଧ୍ୟ ଘଟିପାରେ। ଏ କାମ ତାର ବୃତ୍ତିରେ ପରିଣତ ହୋଇଛି। ଏହାକୁ ଛାଡି ସେ କେମିତି ତାର ପରିବାର ପୋଷିବ। ଆଗରୁ ଛେଳି ଓ କୁକୁଡ଼ା ଚାଷୀ କରି ସେଥିରୁ ବିଶେଷ ଫାଇଦା ନ ପାଇ ଏହି କାମ କରୁଛି ବୋଲି କହିଛିପ୍ରିୟବ୍ରତ। ସରକାର ଏହି ଗରିବ ପ୍ରିୟବ୍ରତକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



